بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّ اَنۡتُمۡ اَذِلَّۃٌ

ଖଣ୍ଡ: 11

ସମ୍ପାଦକ: କମୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ୍

# ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 27

ବାର୍ଷିକ ଦେୟ: 600/-

16 ମୁହରରମ୍ , 1448 ହି.କ, 02 ୱଫା 1405 ହି.ଶ, 02 July 2026 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

**ଦୁରୁଦ୍ ଶରୀଫ୍ ପାଠ କରିବା ନିମନ୍ତେ ଆଦେଶ ।**

اِنَّ اللّٰہَ وَمَلٰٓئِکَتَہٗ یُصَلُّوۡنَ عَلَی النَّبِیِّ ؕ یٰۤاَیُّہَا الَّذِیۡنَ اٰمَنُوۡا صَلُّوۡا عَلَیۡہِ وَسَلِّمُوۡا تَسۡلِیۡمًا۔

(ଅଲ୍ ଅହ୍‌ଜାବ୍: 57)

**ଅନୁବାଦ:** ବାସ୍ତବରେ ଅଲ୍ଲାଃତାଲା ଏହି ନବୀଙ୍କ ପ୍ରତି ନିଜର ଆଶୀର୍ବାଦ ଅବତୀର୍ଣ୍ଣ କରୁଛନ୍ତି ଏବଂ ତାହାଙ୍କ ଦେବଦୂତମାନେ ମଧ୍ୟ ତାହାଙ୍କ ସକାଶେ ପ୍ରାର୍ଥନା କରୁଛନ୍ତି । ତେଣୁ ହେ ବିଶ୍ୱାସକାରୀମାନେ ! ତୁମ୍ଭେମାନେ ମଧ୍ୟ ଏହି ନବୀଙ୍କ ପ୍ରତି ଅଲ୍ଲାଃତାଲାଙ୍କ ଆଶୀର୍ବାଦ ଭିକ୍ଷା କର । ଅର୍ଥାତ୍ ଦୁରୁଦ୍ ଶରୀଫ୍ ପାଠ କର ଏବଂ ତାହାଙ୍କ ପାଇଁ ଦୁଆ (ପ୍ରାର୍ଥନା) କର ଓ ମନୋଯୋଗପୂର୍ବକ ତାହାଙ୍କ ପାଇଁ ଶାନ୍ତି ଭିକ୍ଷା କର ।"

## ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍ ।**

## ଆଁହଜରତ୍ ସ.ଅଙ୍କ ବାଣୀ

## ଦୁଆ ସ୍ୱୀକୃତ ହେବା ନିମନ୍ତେ ଦୁରୁଦ୍ ଶରୀଫ୍ ପାଠ କରିବା ବିଧେୟ (ଜରୁରୀ) ଅଟେ ।

عَنۡ فَضَالَۃَ بۡنِ عُبَیۡدٍ، قَالَ: بَیۡنَا رَسُوۡلُ اللّٰہِ صَلَّی اللّٰہُ عَلَیۡہِ وَسَلَّمَ قَاعِدًا إِذۡ دَخَلَ رَجُلٌ فَصَلّٰی، فَقَالَ: اَللّٰہُمَّ اغۡفِرۡ لِیۡ وَارۡحَمۡنِیۡ، فَقَالَ رَسُوۡلُ اللّٰہِ صَلَّی اللّٰہُ عَلَیۡہِ وَسَلَّمَ: "عَجِلۡتَ أَیُّہَا الۡمُصَلِّیۡ، إِذَا صَلَّیۡتَ فَقَعَدۡتَ فَاحۡمَدِ اللّٰہَ بِمَا ہُوَ أَہۡلُہٗ، وَصَلِّ عَلَیَّ ثُمَّ ادۡعُہٗ". قَالَ: ثُمَّ صَلّٰی رَجُلٌ آخَرُ بَعۡدَ ذٰلِکَ، فَحَمِدَ اللّٰہَ وَصَلّٰی عَلَی النَّبِیِّ صَلَّی اللّٰہُ عَلَیۡہِ وَسَلَّمَ، فَقَالَ النَّبِیُّ صَلَّی اللّٰہُ عَلَیۡہِ وَسَلَّمَ: "أَیُّہَا الۡمُصَلِّیۡ ادۡعُ تُجَبۡ". قَالَ أَبُوۡ عِیۡسٰی: وَہٰذَا حَدِیۡثٌ حَسَنٌ، وَقَدۡ رَوَاہُ حَیۡوَۃُ بۡنُ شُرَیۡحٍ، عَنۡ أَبِیۡ ہَانِئٍ الۡخَوۡلَانِیِّ، وَأَبُوۡ ہَانِئٍ اسۡمُہٗ حُمَیۡدُ بۡنُ ہَانِئٍ، وَأَبُوۡ عَلِیٍّ الۡجَنۡبِیُّ اسۡمُہٗ عَمۡرُو بۡنُ مَالِکٍ۔

ହ. ଫଜାଲାହ୍ ବିନ୍ ଉବୈଦ୍ ବର୍ଣ୍ଣନା କରନ୍ତି ଯେ, ମୁଁ ଆଁହଜରତ୍ ସ.ଅଙ୍କ ପାଖରେ ବସିଥିଲି ଜଣେ ବ୍ୟକ୍ତି ଆସିଲା ଏବଂ ସେ ନମାଜ୍ ପାଠ କଲା ଓ ଦୁଆ କରି କହିଲା, اَللّٰہُمَّ اغۡفِرۡ لِیۡ وَارۡحَمۡنِیۡ ଅର୍ଥାତ୍ ହେ ଅଲ୍ଲାଃ ତୁମ୍ଭେ ମୋତେ କ୍ଷମା କରିଦିଅ ଓ ମୋ ପ୍ରତି ଦୟା ପ୍ରଦର୍ଶନ କର । ହ. ନବୀ କରୀମ୍ ସ.ଅ ସେହି ବ୍ୟକ୍ତିକୁ କହିଲେ, ହେ ନମାଜ୍ ପାଠକାରୀ ବ୍ୟକ୍ତି ! ତୁମେ ଶୀଘ୍ରତା ପ୍ରଦର୍ଶନ କରିଛି । ତୁମେ ଯେତେବେଳେ ନମାଜ ପାଠ କର ସେତେବେଳେ ତୁମେ ଅଲ୍ଲାଃତାଲାଙ୍କ ପ୍ରଶଂସା ଓ ତାହାଙ୍କ ମହିମା ଗାନ କର । ପୁନଶ୍ଚ ତତ୍ପରେ ତୁମେ ମୋ ଉପରେ ଦୁରୁଦ୍ ଶରୀଫ୍ ପାଠ କର । ପୁନଶ୍ଚ ଏହାପରେ ତୁମେ (ଯେଉଁ) ଦୁଆ କରିବାକୁ ଚାହୁଁଛ ତାହା ପ୍ରଭୁଙ୍କ ନିକଟରେ କର । ବର୍ଣ୍ଣନାକାରୀ କୁହନ୍ତି, ପୁନଶ୍ଚ ଦ୍ୱିତୀୟ ବ୍ୟକ୍ତି ଆସିଲା, ସେ ଅଲ୍ଲାଃତାଲାଙ୍କ ପ୍ରଶଂସା ଏବଂ ତାହାଙ୍କ ମହିମା ଗାନ କଲା ଓ ନବୀ କରୀମ୍ ସ.ଅଙ୍କ ଉପରେ ଦୁରୁଦ୍ ଶରୀଫ୍ ପାଠ କଲା । ପ୍ରତ୍ୟୁତ୍ତରରେ ଆଁହଜରତ୍ ସ.ଅ କହିଲେ, أَیُّہَا الۡمُصَلِّیۡ ادۡعُ تُجَبۡ ଅର୍ଥାତ୍ ହେ ନମାଜ୍ ପାଠକାରୀମାନେ ତୁମମାନଙ୍କ ମଧ୍ୟରୁ ଯିଏ ବି ଏପରି ନମାଜ୍ ପାଠ କରିବ ତାହାର ଦୁଆ ସ୍ୱୀକୃତ ହେବ । **(ସୁନନ୍‌ତ୍ ତିର୍ମିଜି ଅବ୍‌ୱାବୁଦ୍ ଦାୱାତ୍‌ଅ, ବାବ୍-ମା ଯାଆ ଫି ଯାମିଇସ୍ ସଲାତି ଅନିନ୍ ନବୀ ସ.ଅ, ହଦିସ୍ ନଂ-3476)** ☆☆☆

## ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବର୍ରୁକାତେ ହ. ମସିହ୍ ମଉଦ୍ ଅ.ସ)

## ହୁସୈନ୍ ର.ଅ ପବିତ୍ର ଏବଂ ପୁନୀତ (ଶୁଦ୍ଧ) ବ୍ୟକ୍ତି ଥିଲେ । ନିଃସନ୍ଦେହ ରୂପେ ସେ ସ୍ୱର୍ଗାଧିପତିମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ଏହି ବିଶ୍ୱାସ ରଖୁଛି ଯେ, ୟଜିଦ୍ ଜଣେ ଅପବିତ୍ର ସ୍ୱଭାବର ବ୍ୟକ୍ତି ଥିଲା ଏବଂ ସେ ସଂସାରର କୀଟ ଥିଲା । ଅର୍ଥାତ୍ ସଂସାର ପ୍ରିୟ ବ୍ୟକ୍ତି ଥିଲା ଓ ଅତ୍ୟାଚାରୀ ଥିଲା । ଅର୍ଥ ଦୃଷ୍ଟିରୁ ଯେଉଁ ବ୍ୟକ୍ତିକୁ ବିଶ୍ୱାସକାରୀ ବ୍ୟକ୍ତି ବୋଲି କୁହାଯାଇଥାଏ ସେହି ଅର୍ଥ ତା' ମଧ୍ୟରେ ବିଦ୍ୟମାନ ନଥିଲା । ବିଶ୍ୱାସକାରୀ ବ୍ୟକ୍ତି ହେବା କୌଣସି ସହଜ କଥା ନୁହଁ । ଅଲ୍ଲାଃତାଲା ଏପରି (ବିଶ୍ୱାସକାରୀ) ବ୍ୟକ୍ତି ସଂପର୍କରେ କୁହନ୍ତି قَالَتِ الۡاَعۡرَابُ اٰمَنَّا ؕ قُلۡ لَّمۡ تُؤۡمِنُوۡا وَلٰکِنۡ قُوۡلُوۡۤا اَسۡلَمۡنَا **(ଅଲ୍ ହୁଜରାତ୍: 15)** ଅର୍ଥାତ୍ ଆରବର ପୁର ପଲ୍ଲୀବାସୀମାନେ କୁହନ୍ତି ଯେ, ଆମେମାନେ ବିଶ୍ୱାସ କରିଅଛୁ : ତୁମ୍ଭେ ସେମାନଙ୍କୁ କୁହ ଯେ, ତୁମେମାନେ ପ୍ରକୃତରେ ବିଶ୍ୱାସ କରି ନାହଁ। ବରଂ ତୁମେମାନେ ଏପରି କୁହ ଯେ, ଆମେମାନେ ପ୍ରକାଶ୍ୟ ଭାବରେ ଆନୁଗତ୍ୟ ସ୍ୱୀକାର କରିଅଛୁ । ଅର୍ଥାତ୍ ବିଶ୍ୱାସକାରୀମାନେ ହେଉଛନ୍ତି ସେହିମାନେ ଯେଉଁମାନଙ୍କ ହୃଦୟରେ ବିଶ୍ୱାସ ଲେଖାଯାଇଥାଏ ଏବଂ ଯେଉଁମାନେ ନିଜର ଈଶ୍ୱର ଓ ତାହାଙ୍କ ପ୍ରସନ୍ନତା ତଥା ଅନୁଗ୍ରହତାକୁ ପ୍ରତ୍ୟେକ ବସ୍ତୁ ଉପରେ ପ୍ରାଧାନ୍ୟ ଦେଇଥାଆନ୍ତି ଓ ସେମାନେ ଧର୍ମପରାୟଣତାର ସୂକ୍ଷ୍ମ ମାର୍ଗ ଏବଂ ସଂକୀର୍ଣ୍ଣ ମାର୍ଗକୁ ଈଶ୍ୱରଙ୍କ ସକାଶେ ଅବଲମ୍ବନ କରିଥାଆନ୍ତି ତଥା ତାହାଙ୍କ ପ୍ରେମରେ ନିମଗ୍ନ ହୋଇଯାଆନ୍ତି ।

ସେହିପରି ପ୍ରତ୍ୟେକ ବସ୍ତୁ ଯାହା ପିତୁଳା ପରି ତୁମମାନଙ୍କୁ ଈଶ୍ୱରଙ୍କ ଠାରୁ ଅଟକାଇଥାଏ ସେ ପଛେ ଚାରିତ୍ରିକ ଅବସ୍ଥା କିମ୍ବା କୁକୃତ୍ୟ କିମ୍ବା ଅବଚେତନତା, ଆଳସ୍ୟତା ହେଉ ନା କାହିଁକି ସେହି ସମସ୍ତ ପାପ ଓ ଅବଗୁଣ ଠାରୁ ବିଶ୍ୱାସକାରୀମାନେ ନିଜକୁ ଦୂରେଇ ନେଇଯାଇ ଥାଆନ୍ତି । କିନ୍ତୁ ହତଭାଗ୍ୟ ୟଜିଦ୍‌କୁ ଏସବୁ କଥାରୁ କ'ଣ ବା ମତ୍‌ଲବ୍ ଥିଲା । ସାଂସାରିକ ପ୍ରେମ, ମୋହ ମାୟା ତାକୁ ଅନ୍ଧ କରି ପକାଇଥିଲେ । କିନ୍ତୁ ହୁସୈନ୍ ର.ଅ ପବିତ୍ର ଏବଂ ପୁନୀତ (ଶୁଦ୍ଧ) ବ୍ୟକ୍ତି ଥିଲେ ଏବଂ ନିଜର ପ୍ରେମ ଦ୍ୱାରା ପରିପୂର୍ଣ୍ଣ କରିଥିଲେ । ନିଃସନ୍ଦେହ ରୂପେ ସେ ସ୍ୱର୍ଗାଧିପତିମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି ଯାହାଙ୍କୁ ଈଶ୍ୱର ନିଜର ହସ୍ତ ଦ୍ୱାରା ପବିତ୍ର କରିଥିଲେ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ତାଙ୍କ ପ୍ରତି ଟିକିଏ ବି ବୈରାଗ୍ୟ ଓ ବିଦ୍ୱେଷାଭାବ ମନ ଭିତରେ ପୋଷଣ କରିବା ଦ୍ୱାରା ବିଶ୍ୱାସ ଛିନ୍ନ ହୋଇ ଯାଇଥାଏ ଏବଂ ସେହି ଧର୍ମାଧ୍ୟକ୍ଷଙ୍କ ଧର୍ମପରାୟଣତା, ଈଶ୍ୱରପ୍ରେମ, ଧୈର୍ଯ୍ୟ, ଅବିଚଳତା, ଧର୍ମନିଷ୍ଠତା ଓ ଉପାସନା ଆମମାନଙ୍କ ନିମନ୍ତେ ସର୍ବୋଚ୍ଚ ଉତ୍ତମ ଆଦର୍ଶ ଅଟେ।" ଆପଣ ଅ.ସ ନିଜର ଏକ ଫାର୍ସି କବିତାରେ କୁହନ୍ତି:

جان و دلم فدائے جمال محمد است
خاکم نثار کوچۂ آل محمد است

**(ଦୁର୍‌ରେ ସମିନ୍ ଫାର୍ସି, ପୃ-89)**

☆☆☆

## ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ (ତବର୍ରୁକାତେ ହ. ମୁସଲେହ୍ ମଉଦ୍ ର.ଅ)

## ଅଲ୍ଲାଃତାଲା ହ. ଇମାମ୍ ହୁସୈନ୍ ର.ଅଙ୍କ ପ୍ରତିଶୋଧ ନେଇ ନେଲେ ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଇତିହାସର ଘଟଣାବଳୀରୁ ଏହା ଜଣାପଡ଼େ ଯେ, କର୍ବଲା ଘଟଣା ପରେ ଅଲ୍ଲାଃତାଲା ହ. ଇମାମ୍ ହୁସୈନ୍ ର.ଅଙ୍କ ହତ୍ୟାକାରୀଙ୍କୁ ସ୍ୱୟଂ ଧରିନେଲେ ଏବଂ ସେମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ମିଳିଲା । କିନ୍ତୁ ଅଲ୍ଲାଃତାଲାଙ୍କ ପ୍ରତିଶୋଧର ଏହି ପନ୍ଥା ମଧ୍ୟ ରହିଛି ଯେ, ଅତ୍ୟାଚାରୀର ସନ୍ତାନ୍ ସନ୍ତତିମାନେ ନିଜର ବାପ ଅଜାଙ୍କ ଅତ୍ୟାଚାର ଏବଂ ସେମାନଙ୍କର ତ୍ରୁଟି ବିଚ୍ୟୁତିର ସ୍ୱୀକାରୋକ୍ତି ପ୍ରକାଶ କରନ୍ତୁ ଏବଂ ସେମାନଙ୍କର ଉତ୍ତରାଧିକାରୀ ସୂତ୍ରକୁ ପ୍ରତ୍ୟାଖ୍ୟାନ କରିଦିଅନ୍ତୁ । ହ. ମୁସ୍‌ଲେହ୍ ମଉଦ୍ ନିଜର ପୁସ୍ତକ ଖିଲାଫତେ ରାଶିଦାରେ ୟଜିଦ୍‌ର ବିୟୋଗ ପରେ ସମ୍ମୁଖୀନ ହୋଇଥିବା ସେହିପରି ଆଉ ଏକ ଘଟଣାର ଚର୍ଚ୍ଚା କରି ଉଲ୍ଲେଖ କରନ୍ତି ଯେ, ୟଜିଦ୍‌ର ମୃତ୍ୟୁ ପରେ ଯେତେବେଳେ ତା'ର ପୁତ୍ର ସିଂହାସନ ଆରୋହଣ ହେଲା, ତା'ର ନାମ ମଧ୍ୟ ନିଜ ଦଦାଙ୍କ ନାମ ଅନୁଯାୟୀ ମୁଆୱିୟାହ୍ ଥିଲା । ସେ ଲୋକମାନଙ୍କ ଠାରୁ ବୈଅତ୍ ନେବା (ଦୀକ୍ଷା ଗ୍ରହଣ କରିବା) ପରେ ନିଜ ଘରକୁ ଚାଲିଗଲା ଏବଂ 40 ଦିନ ପର୍ଯ୍ୟନ୍ତ ବାହାରକୁ ବାହାରିଲା ନାହିଁ । ପୁନଶ୍ଚ ଦିନେ ସେ ବାହାରକୁ ଆସିଲା ଏବଂ ମଞ୍ଚ ଉପରେ ଛିଡ଼ା ହୋଇ ଲୋକମାନଙ୍କୁ କହିବାକୁ **(ଅବଶିଷ୍ଟାଂଶ..ପୃ-12ରେ)**



## ସମ୍ପାଦକୀୟ

## ଅଲ୍ ଫଜଲ୍ ଇଣ୍ଟରନ୍ୟାସନାଲରେ ପ୍ରକାଶିତ ହୋଇଥିବା ହୁଜୁର ଅନୱର୍ ଅ.ବଙ୍କ ପ୍ରଶ୍ନୋତ୍ତର ମଧ୍ୟରୁ ମନୋନୀତ ଉତ୍ତର ମୌଳିକ ସମସ୍ୟାର ସମାଧାନ

ମିସରର ସମ୍ରାଟ୍ ଅଜିଜ୍‌ଙ୍କ ପତ୍ନି ସେହି ମହିଳାମାନଙ୍କୁ ଛୁରୀ କାହିଁକି ଧରାଇଥିଲା ?

**ପ୍ରଶ୍ନ:** ୟୁ.କେରୁ ଜନୈକ (ଜଣେ) ମହିଳା ହୁଜୁର ଅନ୍‌ୱର୍ ଅ.ବଙ୍କୁ ପଚାରିଲେ ଯେ, ହୁଜୁର୍ ! ସୁରାଃ ୟୁସୁଫ୍‌ରେ ବର୍ଣ୍ଣିତ ହୋଇଛି ଯେ, ହ. ୟୁସୁଫ୍ ଅ.ସଙ୍କ ମାଲିକଙ୍କ ପତ୍ନି ମହିଳାମାନଙ୍କ ହାତରେ ଛୁରୀ ଧରାଇଥିଲା । ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ବ୍ୟାଖ୍ୟାତ୍ମକ ନୋଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ସେହି ମହିଳାମାନେ ହ. ୟୁସୁଫ୍ ଅ.ସଙ୍କୁ ନିଜ ହାତର ପହଞ୍ଚ ଠାରୁ ଦୂରରେ ଥିବାର ପାଇଲେ, ହାତ କାଟିଲେ ନାହିଁ। ପ୍ରଶ୍ନ ଏହିକି ଯେ, ମିଶର ଦେଶର ସମ୍ରାଟ୍ ଅଜିଜ୍‌ଙ୍କ ପତ୍ନି ସେହି ମହିଳାମାନଙ୍କୁ ଛୁରୀ କାହିଁକି ଧରାଇଥିଲେ ? ହୁଜୁର୍ ଅନ୍‌ୱର୍ ଅ.ବ ନିଜର ଲେଖନୀ 2023 ମସିହା ଜୁଲାଇ ମାସ 7 ତାରିଖ ଦିନ ଉକ୍ତ ପ୍ରଶ୍ନର ନିମ୍ନ ଲିଖିତ ଉତ୍ତର ପ୍ରଦାନ କରିଛନ୍ତି ।

ହୁଜୁର ଅନୱର୍ ଅ.ବ କହିଲେ:

**ଉତ୍ତର:** ମିସର୍ ଦେଶର ସମ୍ରାଟ୍ ଅଜିଜ୍ ଶାସକଙ୍କ ମଧ୍ୟରୁ ଅନ୍ୟତମ ଥିଲା ଏବଂ ତା' ଘରେ ଯେଉଁ ଭୋଜିର ଆୟୋଜନ ହୋଇଥିଲା ତାହା ନିଃସନ୍ଦେହ ରୂପେ କୌଣସି ସାଧାରଣ ଭୋଜି ନଥିଲା । ବହୁତ ବଡ଼ ଭୋଜି ଥିଲା । ତେଣୁ ଯୁଗ ଦୃଷ୍ଟିରୁ ଉକ୍ତ ଭୋଜିରେ ଖାଇବା ପିଇବାର ଉତ୍ତମ ବ୍ୟବସ୍ଥା କରାଯାଇଥିବ । ସେହି ଭୋଜିରେ ଆହାର ଖାଇବା (କାଟିବା) ନିମନ୍ତେ ଛୁରୀର ବ୍ୟବସ୍ଥା ମଧ୍ୟ ହୋଇଥିବ କିମ୍ବା ଫଳମୂଳ କାଟିବା ନିମନ୍ତେ ଅତିଥିଙ୍କ ସମ୍ମୁଖରେ ଛୁରୀ ରଖା ଯାଇଥିବ । ସୁତରାଂ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ଉକ୍ତ ଆୟତ୍‌ର ବ୍ୟାଖ୍ୟାରେ 'ସିକ୍କିନ୍' ଶବ୍ଦର ଅନୁବାଦ କରି କୁହନ୍ତି: سِكِّيْنًا ଅର୍ଥାତ୍ ଛୁରୀ ଫଳମୂଳ କାଟିବା ନିମନ୍ତେ ଉଦ୍ଦିଷ୍ଟ ଥିଲା ।

**(ହକାଇକୁଲ୍ ଫୁର୍କାନ୍, ଗ୍ରନ୍ଥଖଣ୍ଡ-2, ପୃ-392)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ଛୁରୀ ରଖିବାର କାରଣ ସଂପର୍କରେ ବର୍ଣ୍ଣନା କରି କୁହନ୍ତି: "ସମ୍ରାଟ୍ ଲୋକମାନଙ୍କୁ ଆହାର କିମ୍ବା ଜଳଖିଆ ନିମନ୍ତେ ଆମନ୍ତ୍ରିତ କରିଥିଲା । ମେଜ (ଟେବୁଲ ବା ଖାଦ୍ୟାସନ)ର ବ୍ୟବସ୍ଥା ହେଲା । ପ୍ରତ୍ୟେକ ବ୍ୟକ୍ତିଙ୍କ ସମ୍ମୁଖରେ ଗୋଟିଏ ଗୋଟିଏ ଛୁରୀ ରଖି ଦିଆଗଲା (ତହିଁରୁ ଏହା ଜ୍ଞାତ ହୁଏ ଯେ, ପୁରାତନ ଯୁଗରେ ଖାଇବା ନିମନ୍ତେ ଛୁରୀର ବ୍ୟବହାର ହେଉଥିଲା ଏବଂ ଆଜିକାଲିକା ଯୁଗ ପରି ସେହି କାଳରେ ଛୁରୀ ବ୍ୟବହୃତ ହେଉଥିଲା । ସେହି କାଳରେ ଏହି ନିୟମ ରହିଥିଲା ଯେ, ଖାଦ୍ୟାସନ ଉପରେ ପୂର୍ବରୁ ଛୁରୀ ରଖି ଦିଆଯାଉଥିଲା ଓ ଏହାପରେ ଖାଦ୍ୟାସନରେ ଭଳିକି ଭଳି ଆହାର ସବୁ ଆସୁଥିଲା) ।" **(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-3, ପୃ-307, ପ୍ରକାଶନ ସ୍ଥାନ-କାଦିୟାନ୍, 2004 ମସିହା)**

ତେଣୁ ମିସର୍ ସମ୍ରାଟଙ୍କ ପତ୍ନି ନିଜର ସାମର୍ଥ୍ୟାନୁଯାୟୀ ସଖିମାନଙ୍କ ସକାଶେ ଉତ୍ତମ ଭୋଜିର ଆୟୋଜନ କଲା । ସେହି ଭୋଜିରେ ସେ ଫଳମୂଳ ଏବଂ ଅନ୍ୟାନ୍ୟ ଫଳକୁ କାଟିବା ନିମନ୍ତେ ଛୁରୀ ମଧ୍ୟ ରଖିଲା । ଉକ୍ତ ଆୟତ୍‌ର ଯେଉଁ ଶବ୍ଦ ରହିଛି ଯେ, "ସେମାନେ ନିଜର ହାତ କାଟିନେଲେ" । ଏଥି ସଂକ୍ରାନ୍ତରେ ମୁଁ ଏହା ମଧ୍ୟ କହି ଦେବାକୁ ଚାହେଁ ଯେ, ଉପରୋକ୍ତ ଉଭୟ ପ୍ରକାରର ବ୍ୟାଖ୍ୟା ଜମାତୀୟ ପ୍ରବନ୍ଧ ସାହିତ୍ୟରେ ବିଦ୍ୟମାନ ରହିଛି । ହାତ କାଟିବାର ଏହି ଅର୍ଥ ମଧ୍ୟ ରହିଛି ଯେ, ସେମାନେ ହ. ୟୁସୁଫ୍ ଅ.ସଙ୍କୁ ଦେଖି ତାଙ୍କର ଶିଷ୍ଟତା ଏବଂ ପୁଣ୍ୟତା ଯୋଗୁଁ, ନିମଗ୍ନାବସ୍ଥାରେ ଆଶ୍ଚର୍ଯ୍ୟଚକିତ ହେବା ଯୋଗୁଁ ନିଜ ଦାନ୍ତ ତଳେ ଆଙ୍ଗୁଠି କାମୁଡ଼ି ଦେଲେ । ହ. ୟୁସୁଫ୍ ଅ.ସଙ୍କର ଶିଷ୍ଟତା ଓ ପୁଣ୍ୟତା ଯୋଗୁଁ ସେମାନେ ନିଜର ଲଜ୍ଜିତ ତଥା ନିନ୍ଦିତ ଆକାଂକ୍ଷା ପାଇଁ ନିଜର ପହଞ୍ଚ ଠାରୁ ଛୁରୀକୁ ଦୂରରେ ଥିବାର ପାଇଲେ । ଏକଥା ମଧ୍ୟ ଠିକ୍ ଯେ, ସେହି ମହିଳାମାନେ ଅର୍ଥାତ୍ ସଖିମାନେ ହ. ୟୁସୁଫ୍ ଅ.ସଙ୍କ ସୌନ୍ଦର୍ଯ୍ୟ ଯୋଗୁଁ ଆଶ୍ଚର୍ଯ୍ୟାବସ୍ଥାରେ ଫଳ କାଟିବା ପରିବର୍ତ୍ତେ ନିଜ ହାତର ଆଙ୍ଗୁଠିକୁ ଦାନ୍ତରେ କାମୁଡ଼ି ନେଲେ । ସୁତରାଂ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏବଂ ତାହା ସ୍ୱୟଂ ନିମଜ୍ଜିତାବସ୍ଥାର ହିଁ ପ୍ରଭାବ ରହିଥିଲା ଯଦ୍ଦ୍ୱାରା ଜୁଲେଖାର ସଖିଗଣ ଦାନ୍ତରେ ନିଜର ଆଙ୍ଗୁଠିକୁ କାମୁଡ଼ି ନେଲେ ।" **(ମକ୍ତୁବାତେ ଅହମଦ, ଗ୍ରନ୍ଥଖଣ୍ଡ-1, ପୃ-594, ନୂତନ ସଂସ୍କରଣ)**

ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ଏଥି ସଂକ୍ରାନ୍ତରେ କୁହନ୍ତି: "قَطَّعْنَ أَيْدِيَهُنَّ ଉକ୍ତ ଆପ୍ତ ବାକ୍ୟଟିର ଅର୍ଥ ଏହିକି ଯେ, ସେମାନେ ଆଶ୍ଚର୍ଯ୍ୟଭାବ ବ୍ୟକ୍ତି କଲେ ଓ ଆଶ୍ଚର୍ଯ୍ୟାନ୍ୱିତ ହୋଇ ନିଜର ହାତର ଆଙ୍ଗୁଠିକୁ ଦାନ୍ତରେ କାମୁଡ଼ିଦେଲେ । କେତେକ ଲୋକମାନେ ଏହି ଅର୍ଥ କରିଛନ୍ତି ଯେ, ଆଶ୍ଚର୍ଯ୍ୟଚକିତ ଏବଂ ସୌନ୍ଦର୍ଯ୍ୟ ଜନିତ ତ୍ରସ୍ତ ହେବା ପରିବର୍ତ୍ତେ ସେମାନେ ଫଳଗୁଡ଼ିକ ବଦଳରେ ନିଜର ହାତ କାଟିନେଲେ ।" **(ଜମିମା, ଅଖିବାର୍ ବଦର୍ କାଦିୟାନ୍, ସଂଖ୍ୟା-10, ଗ୍ରନ୍ଥଖଣ୍ଡ-9, 1909 ମସିହା ଡିସେମ୍ବର ମାସ 30 ତାରିଖ, ପୃ-130)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ତଫ୍‌ସିର୍ ସଗିର୍‌ରେ ଉପରୋକ୍ତ ଆୟତ୍‌ର ନିମ୍ନରେ ଅନୁବାଦ କରିଛନ୍ତି । ଯଥା "ସେମାନେ (ସଖିଗଣମାନେ) ଯେତେବେଳେ ତାକୁ (ହ. ୟୁସୁଫ୍ ଅ.ସଙ୍କୁ) ଦେଖିଲେ ସେତେବେଳେ ସେମାନେ ତାକୁ ମର୍ଯ୍ୟାଦା ସମ୍ପନ୍ନ ବ୍ୟକ୍ତି ରୂପେ ପାଇଲେ ଏବଂ ତାକୁ ଦେଖି ସେମାନେ ଆଶ୍ଚର୍ଯ୍ୟାଭାବର ସହିତ ନିଜର ହାତ କାମୁଡ଼ି ଦେଲେ । ଅର୍ଥାତ୍ ହାତର ଆଙ୍ଗୁଠିଗୁଡ଼ିକୁ ନିଜ ଦାନ୍ତ ତଳେ କାମୁଡ଼ିନେଲେ ଏବଂ କହିଲେ, ଉକ୍ତ ବ୍ୟକ୍ତି ଜଣକ ଅଲ୍ଲାଃତାଲାଙ୍କ ସକାଶେ କେବଳ ପାପ କର୍ମ କରିବାରୁ ଅଲ୍ଲାଃତାଲାଙ୍କୁ ଡରିଛି । ଏହି ବ୍ୟକ୍ତି ଜଣକ ମଣିଷ ହିଁ ନୁହେଁ । ବରଂ ଏହା କେବଳ ଏକ ସମ୍ମାନସ୍ପଦ ଦେବଦୂତ ଅଟେ ।" **(ତଫ୍‌ସିର୍ ସଗିର୍, ପୃ-293, ବି.ଦ୍ର)**

ସେହିପରି ତଫ୍‌ସିର୍ କବିର୍‌ରେ ଉକ୍ତ ଆୟତ୍‌ର ବ୍ୟାଖ୍ୟା କରି ହୁଜୁର୍ ର.ଅ ବର୍ଣ୍ଣନା କରନ୍ତି: "ପବିତ୍ର କରଆନ୍ କରୀମ୍‌ରେ ଯେଉଁ ପ୍ରସଙ୍ଗ କୁହାଯାଇଛି ଯେ, ସେମାନେ ଅର୍ଥାତ୍ ଜୁଲେଖାଙ୍କ ସଖିଗଣ ଦାନ୍ତ ଦ୍ୱାରା ନିଜର ହାତର ଆଙ୍ଗୁଠିକୁ କାମୁଡ଼ି ପକାଇଲେ। ଏହାର ଦୁଇଟି ଅର୍ଥ ହୋଇପାରିବ । 1- ସେମାନେ ହ. ୟୁସୁଫ୍ ଅ.ସଙ୍କ ସରଳତା ଏବଂ ଶିଷ୍ଟତାର ଦୃଶ୍ୟକୁ ଦେଖି ଏପରି ନିମଜ୍ଜିତ ତଥା ନିମଗ୍ନ ହୋଇଗଲେ ଯେ, କେତେକ ସଖିମାନଙ୍କ ହାତରେ ଛୁରୀ ଦ୍ୱାରା କ୍ଷତ ଲାଗିଗଲା । 2- ତହିଁରୁ ଏହା ଯଥାର୍ଥ ମଧ୍ୟ ହୋଇପାରେ ଯେ, ସେମାନେ ନିଜର ଦାନ୍ତ ତଳେ ଆଶ୍ଚର୍ଯ୍ୟଚକିତ ହୋଇ କାମୁଡ଼ି ଦେଇଥିବେ । ଅର୍ଥାତ୍ ସେହି ସଖିମାନେ କହିଲେ, ଆମେମାନେ ଏପରି ବ୍ୟକ୍ତିର ନାମ ନିଜ ତୁଣ୍ଡରେ କିପରି ଉଚ୍ଚାରଣ କରିପାରିବୁ ? ସୁତରାଂ ଆରବୀ ଭାଷାରେ عَضَّ الْأَنَامِلَ ଆଙ୍ଗୁଠିକୁ ଦାନ୍ତ ତଳେ କାମୁଡ଼ିବାର ଆପ୍ତ ବାକ୍ୟ ଆଶ୍ଚର୍ଯ୍ୟଚକିତ୍ ଅର୍ଥରେ ବ୍ୟବହୃତ ହୋଇଥାଏ ଏବଂ ଉକ୍ତ ଆରବୀ ଭାଷାର ଆପ୍ତ ବାକ୍ୟ ବ୍ୟତୀତ ନିମନ୍ତେ ସମଗ୍ର ଶବ୍ଦ ପାଇଁ ବେଳେବେଳେ ମଧ୍ୟ ବ୍ୟବହାର କରଯାଇଥାଏ । ଅତଏବ୍ ସମ୍ଭବତଃ أَيْدِيَ الْأَنَامِلِ ସ୍ଥାନରେ ବ୍ୟବହାର (ପ୍ରୟୋଗ) କରିନିଆ ଯାଇଥିବ ।"

ହୁଜୁର ର.ଅ କହିଲେ, ଇହୁଦୀମାନଙ୍କ ହଦିସ୍ ଗ୍ରନ୍ଥ ତାଲିମୁଦ୍ ଗ୍ରନ୍ଥରେ ଉଲ୍ଲେଖ ରହିଛି ଯେ, ମିସର୍ ଦେଶର ସମ୍ରାଟ୍ ଅଜିଜ୍‌ର ପତ୍ନି ସେହି ମହିଳାମାନଙ୍କ (ସଖିଗଣଙ୍କ) ସମ୍ମୁଖରେ କମଳା ଲେମ୍ବୁ ରଖି ଦେଇଥିଲା ଏବଂ ସେମାନଙ୍କୁ ଆଦେଶ ଦେଲେ ଯେ, ସେମାନେ ହ. ୟୁସୁଫ୍ ଅ.ସଙ୍କ ଆଡ଼କୁ ଲକ୍ଷ୍ୟ ରଖିଥିବେ । କିନ୍ତୁ ଅସାବଧାନତା ଓ ଠିକ୍ ସେ ଧ୍ୟାନ ନଦେବା ଯୋଗୁଁ ସେମାନଙ୍କର ହାତ ଆହତ ହୋଇଗଲା । **(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-3, ପୃ-307, ପ୍ରକାଶନ ସ୍ଥାନ-କାଦିୟାନ୍, 2004 ମସିହା)**

ଅତଏବ୍ ହାତ କାଟିବା (ଆଙ୍ଗୁଠି କାମୁଡ଼ିବା ବା କାଟିବା)ର ଉଭୟ ବ୍ୟାଖ୍ୟା ରହିଛି। ସେହି ବ୍ୟାଖ୍ୟା ନିଜର ଆପ୍ତ ବାକ୍ୟ, ଭାବାର୍ଥ ଓ ଆଗ ପଛର ଶବ୍ଦାନୁଯାୟୀ ବିଭିନ୍ନ ଅର୍ଥ ଉପରେ ଆଧାରିତ ଅଟନ୍ତି ।

### ରୁହାନୀ ଖଜାଏନ୍

ପ୍ରଶ୍ନ: କାନାଡ଼ାରୁ ଜଣେ ବନ୍ଧୁ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ସେବାରେ ପ୍ରଶ୍ନ ପଠାଇଲେ ଯେ, ହୁଜୁର୍ ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକର ନାମ "ରୁହାନୀ ଖଜାଏନ୍" କିଏ ଦେଲା (ରଖିଥିଲା) ? ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ନିଜର ଲେଖନୀ 2023 ମସିହା ଜୁଲାଇ ମାସ 11 ତାରିଖରେ ଉକ୍ତ ପ୍ରଶ୍ନର ନିମ୍ନ ଲିଖିତ ଉତ୍ତର ପ୍ରଦାନ କରିଥିଲେ ।

**ଉତ୍ତର:** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ: "ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସଂକଳିତ ସମଗ୍ର ପୁସ୍ତକ ପ୍ରଥମ ଥର କରି ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଖିଲାଫତ୍ କାଳରେ 1957 ମସିହାରେ ପ୍ରକାଶିତ ହେବା ଆରମ୍ଭ ହେଲା ଏବଂ ସେହି ସମୟରେ ଏହି ସମଗ୍ର ସଂକଳିତ ପୁସ୍ତକର ନାମ "ରୁହାନୀ ଖଜାଏନ୍" ବୋଲି ନାମକରଣ କରାଗଲା । ପୁନଶ୍ଚ ଖିଲାଫତେ ସାଲିସ୍ (ତୃତୀୟ ଖିଲାଫତ୍ ଅର୍ଥାତ୍ ହ. ମିର୍ଜା ନାସିର୍ ଅହମଦ ର.ଅଙ୍କ ଖିଲାଫତ୍ କାଳରେ) ର.ଅଙ୍କ ପ୍ରାରମ୍ଭି କାଳରେ 1968 ମସିହାରେ ଏହାର ପ୍ରକାଶ ସଂପୂର୍ଣ୍ଣ ହୋଇଥିଲା ।"

ଉକ୍ତ ସମଗ୍ର ସଂକଳନ କୃତିର ପ୍ରକାଶନ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଏବଂ ପ୍ରକାଶନ ଚାଲିଥିବା ସମୟରେ ବିଭିନ୍ନ ସମୟରେ ଦୈନିକ୍ ଅଲ୍ ଫଜଲ୍ ରବ୍‌ୱାରେ ଏଥି ସଂକ୍ରାନ୍ତରେ ଘୋଷଣା ପ୍ରକାଶିତ ହେଉଥିଲା ଓ ସଦର ଅଞ୍ଜୁମନ୍ ଅହମଦିୟା ରବ୍‌ୱାର ବାର୍ଷିକ କାର୍ଯ୍ୟକାରୀଣି ରିପୋର୍ଟସ୍‌ରେ ମଧ୍ୟ ଏହାର ଚର୍ଚ୍ଚା ହେଉଥିଲା । **(ଦୈନିକ୍ ଅଲ୍ ଫଜଲ୍, ରବ୍‌ୱା, 1957 ମସିହା, ମାର୍ଚ୍ଚ ମାସ 17 ତାରିଖ, ପୃ-8, ଦୈନିକ୍ ଅଲ୍ ଫଜଲ୍, ରବ୍‌ୱା, 1958 ମସିହା ଏପ୍ରିଲ୍ ମାସ 20 ତାରିଖ, ପୃ-4, ବାର୍ଷିକ ରିପୋର୍ଟ ସଦର୍ ଅଞ୍ଜୁମନ୍ ଅହମଦିୟା ରବ୍‌ୱା, 1957-1958 ବର୍ଷ ପାଇଁ, ପୃ-58)**

ଏତଦ୍‌ଭିନ୍ନ ଉକ୍ତ ସମଗ୍ର ସଂକଳନ କୃତିର ପ୍ରକାଶନ ଆରମ୍ଭ ହେବା ପୂର୍ବରୁ ଦୈନିକ୍ ଅଲ୍ ଫଜଲ୍ ରବ୍‌ୱାରେ ଅଶ୍ ଶିର୍କତୁଲ୍ ଇସ୍‌ଲାମିୟାହ୍ ଲିମିଟେଡ଼୍ ନାମରେ ଏକ ଘୋଷଣା ପ୍ରକାଶିତ ହେଲା । ଯହିଁରେ ଏହି ଶୈକ୍ଷିକ ତଥା ଜ୍ଞାନଭିତ୍ତିକ ସମଗ୍ର ସଂକଳନ କୃତିର ଚର୍ଚ୍ଚା ଏହି ଶବ୍ଦ ମାଧ୍ୟମରେ କରଗଲା ଯେ, "ଅଲ୍ଲାଃତାଲା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ୍ ଐଶୀବାଣୀ କରି କହିଲେ, اُكْتُبْ وَلْيُطْبَعْ وَلْيُرْسَلْ فِي الْأَرْضِ ଅର୍ଥାତ୍ ସେହି ଐଶୀବାଣୀ ଏବଂ ଜ୍ଞାନକୁ ଯାହା ଆପଣ ଅ.ସଙ୍କୁ ପ୍ରଦାନ କରାଯାଇଛି ତାହାକୁ ତୁମ୍ଭେ ଲେଖିନିଅ । ପୁନଶ୍ଚ ଏହାକୁ ଛପାଯାଇ ଲୋକମାନଙ୍କୁ ପ୍ରେରଣ କରାଯାଉ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଶ୍ ଶିର୍କତୁଲ୍ ଇସ୍‌ଲାମିୟାହ୍ ଲିମିଟେଡ଼୍‌ର ସ୍ଥାପନର ପ୍ରକୃତ ଅଭିପ୍ରାୟ ପବିତ୍ର କୁର୍‌ଆନ୍ କରୀମ୍‌ର ଜ୍ଞାନର ପ୍ରକାଶନ ଏବଂ ସେହି ଶୈକ୍ଷିକ ଓ ଆଧ୍ୟାତ୍ମିକ ନିଧିର ପ୍ରକାଶନ ଉଦ୍ଦିଷ୍ଟ ଅଟେ । ଉକ୍ତ ଦାୟିତ୍ୱ ସାଂପ୍ରତିକ ଯୁଗରେ ମହାନ୍ ସୁଧାରକ ତଥା ଜମାଅତ୍ ଅହମଦିୟାର ସଂସ୍ଥାପକ ହ. ମସିହ୍ ମଉଦ୍ ଅ.ସଙ୍କୁ ପ୍ରଦାନ କରାଯାଇଛି । ଅତଏବ୍ ଆପଣ ଅ.ସ କୁହନ୍ତି: **(ଅବଶିଷ୍ଟାଂଶ............ପୃ-11ରେ)**

(ଖୁତ୍‌ବା ଜୁମା)

## ବିନୀତତା ସଂପର୍କରେ ଆଁହଜରତ୍ ସ.ଅଙ୍କ ପବିତ୍ର ଉତ୍ତମ ଚରିତ୍ରବତ୍ତାର ହୃଦୟାକର୍ଷିତ ଓ ମନମୁଗ୍ଧକର ଚର୍ଚ୍ଚା ।

**ଖୁତ୍‌ବା ଜୁମା 15 May 2026 ମସିହା ଅନୁଯାୟୀ ୧୫ ହିଜରତ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି କରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆମେମାନେ ଉକ୍ତ କଥା ଉପରେ ବିଶ୍ୱାସ କରୁ ଯେ, ସଂସାରରେ ଯଦି କୌଣସି ପୂର୍ଣ୍ଣ ମନୁଷ୍ୟ ଜନ୍ମ ଗ୍ରହଣ କରିଛି ତେବେ ସେହି ବ୍ୟକ୍ତି ହେଉଛନ୍ତି ହ. ମୁହମ୍ମଦ ମୁସ୍ତଫା ସ.ଅ । ଆପଣ ସ.ଅଙ୍କ ପୂର୍ବରୁ ନା କୌଣସି ବ୍ୟକ୍ତି ପୂର୍ଣ୍ଣ ଗୁଣାବଳୀ ଦ୍ୱାରା ଭୂଷିତ ହୋଇଥିଲା ଓ ନା ହିଁ ଆପଣ ସ.ଅଙ୍କ ପରେ ଏପରି ପୂର୍ଣ୍ଣ ବ୍ୟକ୍ତି ଜନ୍ମ ଗ୍ରହଣ ହୋଇପାରିବ । ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ସମ୍ପାଦନ, ଭକ୍ତମାନଙ୍କର କର୍ତ୍ତବ୍ୟ ସମ୍ପାଦନ, ସମସ୍ତ ଚରିତ୍ର ତଥା ସମସ୍ତ ମାନବିକ ଚରିତ୍ରର ସର୍ବୋଚ୍ଚ ସ୍ତର ଆଁହଜରତ୍ ସ.ଅଙ୍କ ଅସ୍ତିତ୍ୱ ଠାରେ ଠୁଳ ହୋଇ ରହଛି । ଯେକୌଣସି ଉତ୍ତମ ଚରିତ୍ରକୁ ହିଁ ନିଆଯାଉ ଆପଣ ସ.ଅଙ୍କ ମଧ୍ୟରେ ତାହାର ସର୍ବୋଚ୍ଚ ସ୍ତର ବିଦ୍ୟମାନ ରହିଛି ଯାହା ଅନ୍ୟ କୌଣସି ବ୍ୟକ୍ତି ମଧ୍ୟରେ ବିଦ୍ୟମାନ ନଥିଲା ଓ ନା ହିଁ ବିଦ୍ୟମାନ ହୋଇପାରିବ । ସେହି ସବୁ ବୈଶିଷ୍ଟ୍ୟତା ତଥା ସୁଗୁଣାବଳୀଗୁଡ଼ି ମଧ୍ୟରୁ ଆପଣ ସ.ଅଙ୍କ ଗୋଟିଏ ବୈଶିଷ୍ଟ୍ୟ (ସୁଗୁଣାବଳୀ ବା ଉତ୍ତମ ଚରିତ୍ର) ହେଲା ବିନୀତତା ଓ ବିନମ୍ରତା । ଏହି ସର୍ବୋଚ୍ଚ ବୈଶିଷ୍ଟ୍ୟ ଆପଣ ସ.ଅଙ୍କ ମଧ୍ୟରେ ଦେଖିବାକୁ ମିଳିଥାଏ। ଆପଣ ସ.ଅ ନିଜର ଅନୁଗାମୀମାନଙ୍କୁ ମଧ୍ୟ ସର୍ବଦା ଏହି ଉପଦେଶ ଦେଇଛନ୍ତି ଯେ, ଜେଣ ବିଶ୍ୱାସକାରୀ ବ୍ୟକ୍ତିକୁ ବିନୀତତାର ଚରିତ୍ରକୁ ସର୍ବଦା ନିଜ ଜୀବନର ଅଭିନ୍ନ ଅଙ୍ଗ ରୂପେ ବରଣ କରିବା ନିମନ୍ତେ ଉଦ୍ୟମ କିରବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅଙ୍କ ସର୍ବୋଚ୍ଚ ଚରିତ୍ର ସଂପର୍କରେ ପବିତ୍ର କୁରଆନ୍ କରୀମ୍‌ରେ ଯେଉଁ ଶବ୍ଦରେ ଘୋଷଣା କରି କହିଛି ଯେ, قُلْ إِنَّمَا أَنَا بَشَرٌ مِّثْلُكُمْ **(ଅଲ୍ କହଫ୍:111)** ଅର୍ଥାତ୍ ସହେ ମୁହମ୍ମଦ ! ତୁମ୍ଭେ ସେମାନଙ୍କୁ କହିଦିଅ ଯେ, ତୁମ୍ଭେ ସେମାନଙ୍କ ପରି କେବଳ ଜଣେ ମନୁଷ୍ୟ ଅଟ । ଅତଏବ୍ ଏସବୁ ସତ୍ତ୍ୱେ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଶେଷ ଏବଂ ସଂପୂର୍ଣ୍ଣ ଧର୍ମବିଧାନ ଆଣିଥିବା ବାର୍ତ୍ତାବହ ମର୍ଯ୍ୟାଦା ପ୍ରଦାନ କଲେ । କିନ୍ତୁ ତଥାପି ଆପଣ ସ.ଅ ଏହି ଘୋଷଣା କରାଇଲେ ଯେ, ତୁମ୍ଭେ କହିଦିଅ ଯେ, ମୁଁ କେବଳ ଜଣେ ମଣିଷ ଅଟେ ଏବଂ ଜଣେ ବିନୀତ ବ୍ୟକ୍ତି ଅଟେ । ସେ ଯାହା ହେଉ ଏଥି ସଂକ୍ରାନ୍ତରେ ଆଜି ମୁଁ କିଛି ଆହଦିସ୍ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ଆଲେଖ୍ୟ ଉପସ୍ଥାପିତ କରିବି ଯେଉଁ ଆଲେଖ୍ୟ ଆପଣ ଅ.ସ ବିଭିନ୍ନ ଅବସରରେ ସେହି ବୈଶିଷ୍ଟ୍ୟ ତଥା ଚରିତ୍ରର ପିରପ୍ରକାଶ ହୋଇଥାଏ ।

ହୁଜୁର୍ ଅ.ସ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏହି ସଂସାରରେ ଆମର ପ୍ରିୟ ମୁନିବ୍ ସ.ଅଙ୍କ ଠାରୁ ବଳି ଅନ୍ୟ କୌଣସି ବ୍ୟକ୍ତି ପୂର୍ଣ୍ଣ ଓ ସର୍ବୋତ୍ତମ ନୁହନ୍ତି । ନା ହିଁ କୌଣସି ବ୍ୟକ୍ତି ଆପଣ ସ.ଅଙ୍କ ଠାରୁ ସର୍ବୋତ୍ତମ ଏବଂ ପୁରୁଷୋତ୍ତମ ହୋଇପାରିବ । ପୁନଶ୍ଚ ଦେଖ ଯେ, କ୍ଷମତାଜନିତ ଚମତ୍କାର ପ୍ରାପ୍ତ ହେବା ପରେ ମଧ୍ୟ ଆପଣ ସ.ଅ ସର୍ବଦା ଈଶ୍ୱରଙ୍କ ଉପାସନା ଏବଂ ବନ୍ଦନା କରୁଥିଲେ । ଆପଣ ସ.ଅ ବିନୀତ ବ୍ୟକ୍ତି ଓ ବିନୀତ ଭକ୍ତ ହୋଇ ରହିଲେ । ଆପଣ ସ.ଅ ବାରମ୍ବାର أَنَا بَشَرٌ مِّثْلُكُمْ ହିଁ କହୁଥିଲେ । ଏପର୍ଯ୍ୟନ୍ତକି ଏକେଶ୍ୱରବାଦମୂଳକ ବାଣୀରେ ନିଜର ଭାକ୍ତିକତାର ସ୍ୱୀକାରୋକ୍ତିକୁ ଏକ ଅଙ୍ଗ ରୂପେ ବିବେଚିତ କରିଛନ୍ତି। ଏହାକୁ ବାଦ୍‌ଦେଲେ ଜଣେ ବ୍ୟକ୍ତି ମୁସଲମାନ ହେବାର ପଦବାଚ୍ୟ ହୋଇପାରିବ ନାହିଁ। ତେଣୁ ତୁମେମାନେ ଚିନ୍ତା କର ଓ ପୁନଶ୍ଚ ଚିନ୍ତା କର । ଅତଏବ୍ ଯେଉଁ ଅବସ୍ଥାରେ ଆମର ପ୍ରିୟ ମୁନିବ ତଥା ପୂର୍ଣ୍ଣ ମାର୍ଗଦର୍ଶକଙ୍କ ଶୈଳୀ ଆମମାନଙ୍କୁ ଏହି ଶିକ୍ଷା ଦେଉଛି ଯେ, ସର୍ବୋଚ୍ଚ ସାମୀପ୍ୟ ମର୍ଯ୍ୟାଦା ପାଖରେ ପହଞ୍ଚି ମଧ୍ୟ ଆପଣ ସ.ଅ ଭାକ୍ତିକତାକୁ ହାତଛଡ଼ା କଲେ ନାହିଁ । ତେବେ ଆଉ କୌଣସି ବ୍ୟକ୍ତିର ଏପରି ବିଚାର କରିବା ଏବଂ ଏହି ପ୍ରକାରର ଚିନ୍ତାଧାରା ନିଜ ମନ ମଧ୍ୟରେ ପୋଷଣ କରିବା ନିରର୍ଥକ ଓ ବାଯ୍ୟ ଅଟେ ।"

**(ରିପୋର୍ଟ ଜଲ୍‌ସା ସାଲାନା, 1897 ମସିହା, ପୃ-140)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ ପୁନଶ୍ଚ କୁହନ୍ତି ଯେ, "କେବଳ ଆତ୍ମବଡ଼ିମା ପ୍ରକାଶ କରିବା ଓ ନିରର୍ଥକ ଗର୍ବ ଓ ଅହଂକାର ପ୍ରକାଶ କରିବାରୁ ନିବୃତ୍ତ ରହିବା ଉଚିତ୍ । ଦେଖ ! ଆଁହଜରତ୍ ସ.ଅ ଯିଏ ପ୍ରକୃତରେ ବରିଷ୍ଠ ଓ ସର୍ବାଧିକ ମର୍ଯ୍ୟାଦାର ଅଧିକାରୀ ଥିଲେ । ଆପଣ ସ.ଅଙ୍କ ବିନୀତତା ଏବଂ ବିନମ୍ରତାର ଏକ ଉଦାହରଣ ପବିତ୍ର କୁରଆନ୍ କରୀମ୍‌ରେ ବିଦ୍ୟମାନ ରହିଛି । ପବିତ୍ର କୁରାଆନ୍ କରୀମ୍‌ରେ ଉଲ୍ଲେଖ ରହିଛି ଯେ, ଜଣେ ଅନ୍ଧ ବ୍ୟକ୍ତି ଆଁହଜରତ୍ ସ.ଅଙ୍କ ସେବାରେ ଆସି ପବିତ୍ର କୁରଆନ୍ କରୀମ୍ ପାଠ କରୁଥିଲା । ଦିନେ ଆପଣ ସ.ଅଙ୍କ ପାଖରେ ମକ୍କାର ବରିଷ୍ଠ ଗଣମାନ୍ୟ ପ୍ରତିଷ୍ଠିତ ବ୍ୟକ୍ତି ଓ ମକ୍କାର ଅଧିପତିମାନେ ଏକତ୍ରିତ ଥିଲେ ଏବଂ ସେମାନେ ଆପଣ ସ.ଅଙ୍କ ସହିତ କଥାବାର୍ତ୍ତା କରିବାରେ ବ୍ୟସ୍ତ ଥିଲେ । କଥାରେ ବ୍ୟସ୍ତ ରହିବା ଯୋଗୁଁ ଟିକେ ବିଳମ୍ବ ହେବା ଫଳରେ ସେହି ଅନ୍ଧ ବ୍ୟକ୍ତି ଉଠି ଚାଲିଗଲା। ଏହା ଏକ ସାଧାରଣ କଥା ଥିଲା । ଅଲ୍ଲାଃତାଲା ସେହି ବ୍ୟକ୍ତି ସଂପର୍କରେ ଏକ ସୁରାଃ ଅବତୀର୍ଣ୍ଣ କରିଦେଲେ । ପ୍ରତ୍ୟୁତ୍ତରରେ ଆଁହଜରତ୍ ସ.ଅ ସେହି ବ୍ୟକ୍ତି ଘରକୁ ଗଲେ ଏବଂ ତାକୁ ନିଜ ସାଙ୍ଗରେ ଘିନି ଆଣି ତାକୁ ନିଜର ପବିତ୍ର ଉତ୍ତରୀୟ (ଚଦର) ଉପରେ ବସାଇଦେଲେ । ପ୍ରକୃତ କଥା ଏହିକି ଯେ, ଯେଉଁ ଲୋକମାନଙ୍କ ମନରେ ଈଶ୍ୱରଙ୍କ ମର୍ଯ୍ୟାଦା ହୋଇଥିଲା ସେମାନଙ୍କ ପକ୍ଷେ ଏହା ବିଧେୟ ଯେ, ସେମାନଙ୍କୁ ବିନୀତ ଓ ବିନମ୍ର ବ୍ୟକ୍ତି ହେବାକୁ ପଡ଼ିବ । କାରଣ ସେମାନେ ଈଶ୍ୱରଙ୍କ ନିସ୍ପୃହତା ଏବଂ ନିର୍ଦ୍ଧନ୍ୟ ଠାରୁ ସର୍ବଦା ଭୀତ ତ୍ରସ୍ତ ଥାଆନ୍ତି ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-10, ପୃ-298, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହା କେବଳ ଘଟଣା ନୁହେଁ ଯାହା ପବିତ୍ର କୁରଆନ୍ କରୀମ୍‌ରେ ବର୍ଣ୍ଣିତ ହୋଇଛି କିମ୍ବା ହ. ମସିହ୍ ମଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍‌ରେ ବର୍ଣ୍ଣନା କରିଛନ୍ତି । ବରଂ ଏହା ଏକ ନୀତିଶିକ୍ଷା ଅଟେ ଯାହା ଆମମାନଙ୍କୁ ଦିଆଯାଇଛି ଯେ, ଆଁହଜରତ୍ ସ.ଅ ତୁମମାନଙ୍କ ନିମନ୍ତେ ଉତ୍ତମ ଆଦର୍ଶ ଅଟନ୍ତି । ଯଦି ତାହାଙ୍କ ପ୍ରେମର ଦମ୍ଭୋକ୍ତି ତୁମେମାନେ ପ୍ରକାଶ କୁରଛ ତେବେ ତୁମ୍ଭମାନଙ୍କୁ ବିନୀତତା ଏବଂ ବିନମ୍ରତାର ସର୍ବୋଚ୍ଚ ସ୍ତରକୁ ପ୍ରାପ୍ତ କରିବା ନିମନ୍ତେ ମଧ୍ୟ ଉଦ୍ୟମ କରିବାକୁ ପଡ଼ିବ । ଏକ ଅବସରରେ ଆଁହଜରତ୍ ସ.ଅ ଜଣେ ବିଶ୍ୱାସକାରୀ ବ୍ୟକ୍ତିକୁ ବିନୀତତା ଓ ବିନମ୍ରତାର ବାସ୍ତବତା ସଂପର୍କରେ ବୁଝାଇ ଏହା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ କହିଛନ୍ତି । ଏହାକୁ ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରିଛନ୍ତି ଯେ, ହ. ରସୁଲେ କରୀମ୍ ସ.ଅ କହିଲେ, ପ୍ରତ୍ୟେକ ବ୍ୟକ୍ତିର ମସ୍ତିଷ୍କ ସହିତ ଦୁଇଟି ଝିଞ୍ଜିର ବନ୍ଧା ହୋଇଛି । ଗୋଟିଏ ଝିଞ୍ଜିର ଆକାଶ ମୁହାଁ ରହିଛି ଓ ଅନ୍ୟଟି ଭୂପୃଷ୍ଠ ମୁହାଁ ହୋଇ ରହିଛି। ଅତଏବ୍ ବ୍ୟକ୍ତି ଯେତେବେଳେ ବିନୀତତା ଏବଂ ବୀନମ୍ରତା ଅବଲମ୍ବନ କରିଥାଏ ସେତେବେଳେ ସେହି ଦେବଦୂତ ଯାହା ହସ୍ତରେ ଆକାଶର ଝିଞ୍ଜି ରହିଛି ସେହି ଝିଞ୍ଜିରକୁ ସେ ଆକାଶ ଉପରକୁ ଟେକି ନେଇଥାଏ (ଉର୍ଦ୍ଧ୍ୱମୁଖୀ କରାଇଥାଏ) । ଯେତେବେଳେ ଭକ୍ତ (ବ୍ୟକ୍ତି) ବିନୀତତା ଦ୍ୱାରା ତଳକୁ ଆନତ ହୋଇଥାଏ ସେତେବେଳେ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ଉଚ୍ଚ ମର୍ଯ୍ୟାଦା ପ୍ରଦାନ କରିଥାଆନ୍ତି ଓ ଯେତେବେଳେ ଭକ୍ତ (ବ୍ୟକ୍ତି) ଗର୍ବ, ଅହଂକାର ଓ ବିଦ୍ରୋହ କରିଥାଏ ସେତେବେଳେ ଭୂପୃଷ୍ଠସ୍ଥ ଝିଞ୍ଜିର ସେହି ବ୍ୟକ୍ତିକୁ ତଳକୁ ଆକର୍ଷିତ କରି ନେଇଥାଏ । **(ଅଲ୍ ଯାମେଉ ଲିଶ୍ ଶାଆବି ଲିଲ୍‌ଇମାନି, ଲିଲ୍ ବହିକି, ଗ୍ରନ୍ଥଖଣ୍ଡ-10, ପୃ-456, ହଦିସ୍ ନଂ-7791, ମକ୍‌ତବତୁର୍ ରୁଶ୍‌ଦି)**

ହଜୁରୁ ଅନ୍‌ୱର୍ ଅ.ବ କହିଲେ, ଅହଂକାର ପ୍ରଦର୍ଶନ କରୁଥିବା ବ୍ୟକ୍ତିର କୌଣସି କୃତ୍ୟ ଗ୍ରହଣୀୟ ହୋଇ ନଥାଏ । ସେ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ପତିତ ହୋଇଥାଏ, ନୀଚ ଅଟେ, ଭୂପୃଷ୍ଠରେ ପଡ଼ିଥାଏ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଇବ୍‌ନେ ଅବ୍‌ବାସ୍ ର.ଅଙ୍କ ଠାରୁ ଆଉ ଏକ ବର୍ଣ୍ଣନା ବର୍ଣ୍ଣିତ ହୋଇଛି ଯେ, ଯେତେବେଳେ ଭକ୍ତ (ବ୍ୟକ୍ତି) ବିନୀତତା ଅବଲମ୍ବନ କରିଥାଏ ସେତେବେଳେ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ସପ୍ତମ ଆକାଶ ପର୍ଯ୍ୟନ୍ତ ଉଚ୍ଚ କରିଦେଇ ଥାଆନ୍ତି । **(କନ୍‌ଜୁଲ୍ ଉମ୍ମାଲ୍, ଗ୍ରନ୍ଥଖଣ୍ଡ-2, ଭାଗ-3, ପୃ- ହଦିସ୍-5717, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 2004 ମସିହା)**

ହଜୁରୁ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଯଦି ଆମେମାନେ ଏହି କାମନା କରୁଛି ଯେ, ଆମେମାନଙ୍କୁ ଅଲ୍ଲାଃତାଲାଙ୍କ ସାନ୍ନିଧ୍ୟତା ଓ ତାହାଙ୍କର ସାମୀପ୍ୟତା ପ୍ରାପ୍ତ ହେଉ ତେବେ ଏଥି ନିମନ୍ତେ ବିନୀତତା ଏବଂ ବିନମ୍ରତା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଟେ । ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: ସଦ୍‌କା ଦେବା ଦ୍ୱାରା (ଦାନ ଦକ୍ଷିଣା କରିବା ଦ୍ୱାରା) ଅଲ୍ଲାଃତାଲା କୌଣସି ବ୍ୟକ୍ତିର ଧନରେ ହ୍ରାସ କରନ୍ତି ନାହିଁ । ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ କ୍ଷମା କରି ଦେଇଥାଏ ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତିର ସମ୍ମାନ ଏବଂ ମର୍ଯ୍ୟାଦା ବୃଦ୍ଧି କରିଥାଆନ୍ତି । ସେହିପରି ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ସକାଶେ ବିନୀତତା ଅବଲମ୍ବନ କରିଥାଏ ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ଉଚ୍ଚ କରିଥାଆନ୍ତି । ଉଚ୍ଚ ମର୍ଯ୍ୟାଦା ପ୍ରଦାନ କରିଥାଆନ୍ତି । **(ଯାମିଉତ୍ ତର୍ମିଜି, ଅବ୍‌ୱାବୁଲ୍ ବିର୍‌ରି ୱସ୍ ସିଲତି, ବାବ୍- ମା ଯାଆ ଫିତ୍ ତୱାଜିଇ, ହଦିସ୍ ନଂ-2029)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆଁହଜରତ୍ ଜଣେ ବିଶ୍ୱାସକାରୀ ବ୍ୟକ୍ତି ନିମନ୍ତେ ଏକ ନୈତିକପୂର୍ଣ୍ଣ କଥା କହିଲେ, ଯେ, ସଦ୍‌କା ଏବଂ ଆର୍ଥିକ ବଳିଦାନ କରିବା ଦ୍ୱାରା ଧନ ହ୍ରାସ ହୋଇ ନଥାଏ । ବରଂ ଧନ ବୃଦ୍ଧି ପାଇଥାଏ । ତେଣୁ ତୁମେମାନେ ନିଜ ମନରୁ ଏହି ଧାରଣା ବାହାର କରି ଦିଅନ୍ତୁ ଯେ, ଆର୍ଥିକ ବଳିଦାନ ଦେବା ଦ୍ୱାରା ତୁମମାନଙ୍କ ଧନ ହ୍ରାସ ପାଇଯିବ । ନା, କଦାପି ନୁହଁ । ବରଂ ମାନ ସମ୍ମାନ ବୃଦ୍ଧି ପାଇଥାଏ । ତେଣୁ ଯଦି ଲୋକମାନେ ଏହି ବାସ୍ତବତାକୁ ଚିହ୍ନି ନିଅନ୍ତି ତେବେ ସମାଜରେ ଯେଉଁ କଳହ ତଥା ସଂଘର୍ଷ ରହିଛି ତଥା ସଂସାରର ସାମାଜିକ କଳହର ଯେଉଁ ଅନେକ ସମସ୍ୟାମାନ ରହିଛି ତାହାର ସମାଧାନ ହୋଇଯିବ । ଆପଣ ସ.ଅ ପୁନଶ୍ଚ କହିଲେ, ବିନୀତତା ଅବଲମ୍ବନ କରିବା ଦ୍ୱାରା ଅଲ୍ଲାଃତାଲା ଉଚ୍ଚ ମର୍ଯ୍ୟାଦା ପ୍ରଦାନ କରିଥାଆନ୍ତି। ତୁମେମାନେ ଯେତେ ବିନୀତ ହେବ ଅଲ୍ଲାଃତାଲା ସେତେ ତୁମମାନଙ୍କୁ ଉଚ୍ଚ ମର୍ଯ୍ୟାଦା ପ୍ରଦାନ କରିବେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ନିଜ ନିମନ୍ତେ ବିନୀତତାର କେଉଁ ସ୍ତର ରହିଥିଲା ସେଥି ସଂକ୍ରାନ୍ତରେ ହ. ଅନସ୍ ବିନ୍ ମାଲିକ୍ ର.ଅଙ୍କ ଏକ ବର୍ଣ୍ଣନା ରହିଛି, ସେହିପରି ବର୍ଣ୍ଣନାଟି ଏହିପରି ଯେ, ଏକଦା ଜଣେ ବ୍ୟକ୍ତି ନବୀ କରୀମ୍ ସ.ଅଙ୍କୁ ସମ୍ବୋଧିତ କରି କହିଲା, ହେ ମୁହମ୍ମଦ୍ ସ.ଅ ! ହେ ଆମର ଅଧିପତି ! ହେ ଆମର ମଙ୍ଗଳ ପୁତ୍ର ! ପ୍ରତ୍ୟୁତ୍ତରରେ ନବୀ କରୀମ୍ ସ.ଅ କହିଲେ, ହେ ଲୋକମାନେ ! ତୁମେମାନେ ଧର୍ମପରାୟଣତାକୁ ନିଜ ଉପରେ ଅନିର୍ବାର୍ଯ୍ୟ କରିନିଅ । କାରଣ ସଇତାନ ତୁମମାନଙ୍କୁ ପ୍ରରୋଚିତ ଓ ପ୍ରଲୋଭିତ ନ କରିଦେଉ । ମୁଁ ଅବ୍‌ଦୁଲ୍ଲାଃଙ୍କ ସୁପୁତ୍ର ମୁହମ୍ମଦ୍ ଅଟେ। ମୁଁ ଅଲ୍ଲାଃତାଲାଙ୍କ ଭକ୍ତ ଓ ତାହାଙ୍କ ବାର୍ତ୍ତାବହ ଅଟେ । ମୁଁ ଅଲ୍ଲାଃତାଲାଙ୍କ ରାଣ (ଶପଥ) କରି କହୁଛି ! ମୁଁ ଏହା ପସନ୍ଦ କରୁ ନାହିଁ ଯେ, ଅଲ୍ଲାଃତାଲା ମୋତେ ଯେଉଁ ମର୍ଯ୍ୟାଦା ପ୍ରଦାନ କରିଛନ୍ତି ତୁମେମାନେ ମୋତେ ସେହି ମର୍ଯ୍ୟାଦା ଠାରୁ ବଢେଇ ଚଢେଇ ଉପସ୍ଥାପିତ କର । **(ମସ୍‌ନଦ୍ ଅହମଦ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-4, ପୃ-394, ମସ୍‌ନଦ୍ ଅନସ୍ ବିନ୍ ମାଲିକ୍, ହଦିସ୍, ନଂ-12579, ଆଲିମୁଲ୍ କୁତୁବ୍, ବୈରୁତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଅଲ୍ଲାଃତାଲା ଆପଣ ସ.ଅଙ୍କ ଠାରୁ ଯେଉଁ ଘୋଷଣା କରାଇଥିଲେ ତାହା ଆପଣ ସ.ଅ ନିଜର ବ୍ୟବହାରିକ କାର୍ଯ୍ୟାନୁସରଣ ଦ୍ୱାରା ସିଦ୍ଧ କରିଦେଲେ । ପୁନଶ୍ଚ ଆପଣ ସ.ଅଙ୍କ ଏକ ଅତି ବିନୀତତାର ଆଉ ଏକ ଉଦାହରଣ ମଧ୍ୟ ହଦିସ୍‌ରୁ ମିଳିଥାଏ । ହ. ଅବୁ ହୁରୈରାହ୍ ର.ଅ କହିଲେ, ମୁଁ ରସୁଲ୍ କରୀମ୍ ସ.ଅଙ୍କ ଠାରୁ ଶୁଣିଲି ଯେ, ଆପଣ ସ.ଅ କହୁଥିଲେ: "କୌଣସି ବ୍ୟକ୍ତିକୁ ତା'ର କର୍ମ କଦାପି ବୈକୁଣ୍ଠ ମଧ୍ୟରେ ପ୍ରବିଷ୍ଟ କରାଇ ପାରିବ ନାହିଁ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମଧ୍ୟ ନିଜର କର୍ମ ବଳରେ ବୈକୁଣ୍ଠରେ ପ୍ରବେଶ କରିପାରିବେ ନାହିଁ ? ଆପଣ ସ.ଅ ଉତ୍ତର ଦେଲେ, ହଁ । ମୁଁ ମଧ୍ୟ ନିଜର କର୍ମ ବଳରେ ବୈକୁଣ୍ଠରେ ପ୍ରବିଷ୍ଟ କରିପାରିବି ନାହିଁ । କିନ୍ତୁ ଯଦି ଅଲ୍ଲାଃତାଲା ମୋତେ ନିଜର ଦୟା ଓ କୃପା ମଧ୍ୟରେ ଘୋଡ଼ାଇ ନିଅନ୍ତି ତେବେ ମୁଁ ବୈକୁଣ୍ଠରେ ପ୍ରବିଷ୍ଟ ହେବି । ତେଣୁ ତୁମେମାନେ ଯେଉଁ କର୍ମ ବି କର ତାହାକୁ ଶୃଙ୍ଖଳିତ, ମାର୍ଜିତ ଓ ଉତ୍ତମ ଢଙ୍ଗରେ ସମ୍ପାଦନ କର । ସେହି କର୍ମକୁ ପ୍ରଭୁଙ୍କ ସାନ୍ନିଧ୍ୟତା ଲାଭ ନିମନ୍ତେ ସମ୍ପାଦନ କର । ତୁମମାନଙ୍କ ମଧ୍ୟରୁ କେହି ମୃତ୍ୟୁର କାମନା କଦାପି ନକରୁ । ଯଦି ସେହି ବ୍ୟକ୍ତି ପୁଣ୍ୟବାନ୍ ହୋଇଥାଏ ତେବେ ସମ୍ଭବତଃ ସେ ପୁଣ୍ୟ କର୍ମରେ ଆହୁରି ଉନ୍ନତି କରିବ ଏବଂ ଯଦି ସେହି ବ୍ୟକ୍ତି ପାପୀ ତେବେ ସମ୍ଭବତଃ ସେ ପ୍ରଭୁଙ୍କ ନିକଟରେ କ୍ଷମା ମାଗି ଅଲ୍ଲାଃତାଲାଙ୍କ ରୁଷ୍ଟତାକୁ ଦୂର କରିଦେବ ।" **(ସହିହୁଲ୍ ବୁଖାରୀ, କିତାବୁଲ୍ ମର୍ଜା, ବାବ୍-ତମନ୍ନଲ୍ ମରିଜୁଲ୍ ମୌତି, ହଦିସ୍ ନଂ-5673, ଅନୁବାଦକ, ଗ୍ରନ୍ଥଖଣ୍ଡ-14, ପୃ-45-46, ପ୍ରକାଶକ- ନଜାରତ ନଶ୍ରୋ ଇଶାଅତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବୁ ସଇଦ୍ ଖୁଦ୍‌ରୀ ର.ଅ ବର୍ଣ୍ଣନା କରନ୍ତି ଯେ, ହେ ଲୋକମାନେ ! ତୁମେମାନେ ଅଭାବି ଓ ଦରିଦ୍ରମାନଙ୍କୁ ଭଲପାଅ । କାରଣ ମୁଁ ରସୁଲ୍ କରୀମ୍ ସ.ଅଙ୍କୁ ନିଜ ଦୁଆରେ ଏହା କହୁଥିବାର ଶୁଣିଛି ଯେ, اَللّٰهُمَّ اَحۡيِنِیۡ مِسۡكِيۡنًا وَّ اَمِتۡنِیۡ مِسۡكِيۡنًا وَاحۡشُرۡنِیۡ فِیۡ زُمۡرَةِ الۡمَسَاكِيۡنِ ଅର୍ଥାତ୍ ହେ ମୋର ଅଲ୍ଲାଃ ! ତୁମ୍ଭେ ମୋତେ ଦରିଦ୍ର ସ୍ୱରୂପ ଜୀବିତ ରଖ ଏବଂ ଦରିଦ୍ର ସ୍ୱରୂପ ମୋତେ ମୃତ୍ୟୁ ପ୍ରଦାନ କର ଓ ତୁମ୍ଭେ ମୋତେ ଦରିଦ୍ରଙ୍କ ଗୋଷ୍ଠୀରେ ପୁନର୍ଜୀବିତ କରିବ । **(ସୁନନ୍ ଇବ୍‌ନେ ମାଜା, କିତାବୁଜ୍ ଜୋହୋଦ୍, ବାବ୍-ମଜାଲିସତୁଲ୍ ଫୁକ୍‌ରା, ହଦିସ୍ ନଂ-4126)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବ୍‌ଦୁଲ୍ଲାଃ ବିନ୍ ଅବି ଔଫ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ବହୁଳ ରୂପେ ଈଶ୍ୱର ଚର୍ଚ୍ଚା କରୁଥିଲେ ଏବଂ ବେକାର କାମ କରୁ ନଥିଲେ । ଅର୍ଥାତ୍ ଆପଣ ସ.ଅ ଦୀର୍ଘ ନମାଜ୍ ପାଠ କରୁଥିଲେ ଏବଂ ଖୁତ୍‌ବା ସଂକ୍ଷିପ୍ତ ଦେଉଥିଲେ । ଆପଣ ସ.ଅ ବିଧବା ଏବଂ ଦରିଦ୍ର ଲୋକମାନଙ୍କ ସହିତ ଚାଲିବାକୁ ଏବଂ ସେମାନଙ୍କର ଆବଶ୍ୟକତାକୁ ପୂରହଣ କରିବାକୁ ଖରାପ୍ ବୋଲି ମନେକରୁ ନଥିଲେ । **(ସୁନନୁନ୍ ନିସାଇ, କିତାବୁଲ୍ ଜୁମା, ବାବ୍- ୟସ୍ତହିବ୍‌ବୁ ମିନ୍ ତକ୍‌ସିରିଲ୍ ଖୁତ୍‌ବତା, ହଦିସ୍ ନଂ-1415)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅଙ୍କ ଉପାସନାର ସ୍ତର ତ' ଥିଲା କିନ୍ତୁ ଆପଣ ସ.ଅଙ୍କ ବିନୀତତାର ଏହି ସ୍ତର ଥିଲା ଯେ, ଆପଣ ସ.ଅ ଯେକୌଣସି ବିଧବା ଏବଂ ଦରିଦ୍ର ବ୍ୟକ୍ତିର କଥା ଶୁଣିବା ନିମନ୍ତେ ସଂପୂର୍ଣ୍ଣ ଧୈର୍ଯ୍ୟତାର ସହିତ ସେମାନଙ୍କୁ ସମୟ ଦେଉଥିଲେ । ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, "ମଦିନାବାସୀଙ୍କ ଦାସୀମାନଙ୍କ ମଧ୍ୟରୁ ଜଣେ ଦାସୀ ନିଜର ଆବଶ୍ୟକତା ପରିପୂରଣ କରିବା ନିମନ୍ତେ ରସୁଲ୍ କରୀମ୍ ସ.ଅଙ୍କ ହାତ ଧରି ଯୁଆଡ଼େ ଚାହୁଁଥିଲା ସିଆଡ଼େ ନେଇ ଯାଉଥିଲା ।" **(ସହିହୁଲ୍ ବୁଖାରୀ, କିତାବୁଲ୍ ଅଦବ୍, ବାବୁଲ୍- କିବରି..... ଅନୁବାଦକ, ଗ୍ରନ୍ଥଖଣ୍ଡ-14, ପୃ-489-490, ପ୍ରକାଶକ- ନଜାରତ ନଶ୍ରୋ ଇଶାଅତ୍)**

ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ମହିଳା ଯାହାର ମାନସିକ ସ୍ଥିତି ଭଲ ନଥିଲା (ଅର୍ଥାତ୍ ବୁଦ୍ଧି ନଥିଲା ସେହି ମହିଳା) ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ଆପଣ ସ.ଅଙ୍କ ପାଖରେ ଗୋଟେ କାମ ଅଛି । ଆପଣ ସ.ଅ କହିଲେ, ହେ ଅମକ ମହିଳା ! ଦେଖ୍ ଯେଉଁ ଗଳିରେ ବି ତୁ ଚାହୁଁଛୁ ସେହି ଗଳିକୁ ମୋତେ ନେଇ ଚାଲ୍। ଏପର୍ଯ୍ୟନ୍ତକି ମୁଁ ତୋର କାମ କରିଦେବି । ଏହାପରେ ଆପଣ ସ.ଅ ସେହି ମହିଳା ସହିତ ଏକ ମାର୍ଗରେ ବାହାରି ପଡ଼ିଲେ ଏପର୍ଯ୍ୟନ୍ତକି ସେ ନିଜର କାମ ସଂପର୍କରେ ଆପଣ ସ.ଅଙ୍କୁ କହିଲା ଏବଂ ସେହି କାମଟିକୁ ଯେଉଁ କାମର ସେ ଦାବି କରୁଥିଲା ତାହାକୁ ସେ ସମ୍ପାଦନ କରାଇନେଲା, ଫଳତଃ ତା'ର ସେହି କାମଟି ହୋଇଗଲା । **(ସହି ମୁସ୍‌ଲିମ୍, କିତାବୁଲ୍ ଫଜାଇଲି, ବାବ୍- କୁରବନ୍ ନବୀ ସ.ଅ ମିନନ୍ ନାସି ଓ ତବବ୍ରୁକୁହୁମ୍ ବିହି, ଅନୁବାଦକ, ଗ୍ରନ୍ଥଖଣ୍ଡ-12, ପୃ-235, ବର୍ଣ୍ଣନା ସଂଖ୍ୟା-4279, ପ୍ରକାଶକ ନୁର୍ ଫାଉଣ୍ଡେସନ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ବର୍ଣ୍ଣନାରେ ସେହି ମହିଳାର ନାମ ଉମ୍ମେ ଜୁଫର୍ ବୋଲି ବର୍ଣ୍ଣିତ ହୋଇଛି ଯିଏ ହ. ଖଦିଜା ର.ଅଙ୍କ ସେବିକା ଥିଲେ ଏବଂ ସେହି ମହିଳା ଏତେ ବୁଦ୍ଧିମତୀ ନଥିଲା । ତା'ର ବୁଦ୍ଧି ଟିକେ କମ୍ ଥିଲା। ବେଳେବେଳେ କେତେକ ଲୋକ ଏପରି ମଧ୍ୟ ଥାଆନ୍ତି ଯେଉଁମାନେ କଥାକୁ ବୁଝି ପାରନ୍ତି ନାହିଁ । ସେମାନଙ୍କର ବୋଧ ଶକ୍ତି ଭଲ ନଥାଏ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ସେହି ମହିଳା ବିକୃତ ମାନସିକ ରୋଗୀଣୀ ମହିଳା ଥିଲା । କିନ୍ତୁ ସେତେଟା ବୁଦ୍ଧିମତୀ ନଥିଲା। କିନ୍ତୁ ନବୀ କରୀମ୍ ସ.ଅ ସେହି ମହିଳାର ଭାବାବେଗକୁ ସମ୍ମାନ ଜଣାଇଥିଲେ ଏବଂ ତାଙ୍କର ଧ୍ୟାନ ମଧ୍ୟ ରଖିଥିଲେ । **(ଅଲ୍ କୌକବୁଲ୍ ୱହ୍ହାଜ୍, ଶରହ୍ ସହି ମୁସ୍‌ଲିମ୍, ଗ୍ରନ୍ଥଖଣ୍ଡ-23, ପୃ-155, ମକ୍‌ତବା ଦାରୁଲ୍ ମିନ୍‌ହାଜ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଅଦି ବିନ୍ ହାତିମ୍ ବର୍ଣ୍ଣନା କରନ୍ତି ଯେ, ମୁଁ ରସୁଲ୍ କରୀମ୍ ସ.ଅଙ୍କ ଆଡ଼କୁ ଗଲି ଏପର୍ଯ୍ୟନ୍ତକି ମୁଁ ମଦିନା ଠାରେ ପହଞ୍ଚିଲି ଓ ମସ୍‌ଜିଦେ ନବୱୀରେ ପ୍ରବେଶ କରି ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲି ଏବଂ ରସୁଲ୍ କରୀମ୍ ସ.ଅଙ୍କୁ ସଲାମ୍ (ନମସ୍କାର) କଲି । ରସୁଲୁଲ୍ଲାଃ ସ.ଅ କହିଲେ, କିଏ ଅଛି ? ମୁଁ କହିଲି, ମୁଁ ଅଦି ହାତିମ୍ ଅଟେ । ରସୁଲୁଲ୍ଲାଃ ସ.ଅ ଛିଡ଼ା ହୋଇଗଲେ ଏବଂ ମୋତେ ନିଜ ଘର ଆଡ଼େ ନେଇଗଲେ । ବାଟରେ ଜଣେ ବୃଦ୍ଧା ମହିଳା ବାହାରି ଆସିଲା ଏବଂ ସେ ଅନେକ ସମୟ ପର୍ଯ୍ୟନ୍ତ ଆପଣ ସ.ଅଙ୍କ ସହିତ ନିଜର ଅଭାବ ଓ ଅବଶ୍ୟକତା ସଂପର୍କରେ କହିଲା । ଆଁହଜରତ୍ ସ.ଅ ସେହି ବୃଦ୍ଧା ମହିଳା ସକାଶେ ଛିଡ଼ା ହୋଇ ରହିଲେ । ସେ (ଅଦି ବିନ୍ ହାତିମ୍) କୁହନ୍ତି ଯେ, ମୁଁ ନିଜ ମନରେ ଏହା କହିଲି ଯେ, ଏହି ବ୍ୟକ୍ତି ସମ୍ରାଟ୍ ହୋଇପାରିବ ନାହିଁ । ସମ୍ରାଟ୍ ତ' ଗରିବ ଓ ଅଭାବି ଲୋକମାନଙ୍କ ସକାଶେ ଏପରି ବାଟରେ ଛିଡ଼ା ହୁଅନ୍ତି ନାହିଁ । ସମ୍ରାଟଙ୍କ ମଧ୍ୟରେ ଏପରି ଚରିତ୍ର ନଥାଏ ଯେ, ସେମାନେ ପ୍ରଜାଙ୍କ ସହିତ ବାଟରେ ଛିଡ଼ା ହୋଇ କଥାବାର୍ତ୍ତା କରିବେ ଏବଂ ବାଟରେ ପ୍ରଜାଙ୍କ କଥା ଶୁଣିବେ । ପୁନଶ୍ଚ ଆପଣ ସ.ଅ ମୋତେ ଧରି ନିଜ ବାସ ଭବନ ମଧ୍ୟରେ ପ୍ରବେଶ କଲେ ଏବଂ ଏକ ମୋଟା ଗଦ୍ଦି (ତକିୟା) ଉଠାଇ ମୋ ଆଡ଼କୁ ପକାଇଦେଲେ ଓ କହିଲେ, ଏହା ଉପରେ ବସିଯାଅ । ଘରେ ଏକ Cushion (ଗଦି ତକିଆ) ପରି ଜିନିଷ ପଡ଼ିଥିଲା। ସେହି ଗଦି, ତକିଆକୁ ଅତିଥିଙ୍କୁ ଦେଇଦେଲେ । ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ଏହି ଗଦି ତକିଆ ଉପରେ ବସନ୍ତୁ । ଆପଣ ସ.ଅ କହିଲେ, ନା ନା ତୁମେ ବସ ! ଶେଷରେ ମୁଁ ସେହି ତକିଆ ଉପରେ ବସିଲି ଏବଂ ଆପଣ ସ.ଅ ଭୂମି ଉପରେ ବସିଲେ । ମୁଁ ନିଜ ମନରେ କହିଲି, ଉକ୍ତ କଥାଟି ଆଦୌ ସମ୍ରାଟ୍ ପରି ନୁହଁ । ଉକ୍ତ କଥାଟି ଜଣେ ଅତି ସାଧାରଣ ବ୍ୟକ୍ତିର କଥା ଅଟେ । **(ଅସ୍ ସିରତୁନ୍ ନବୱିୟାହ୍, ଲିଇବ୍‌ନେ ହିଶ୍ଶାମ୍, ପୃ-854, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍-2001 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ଛୋଟ ପିଲାମାନଙ୍କ ପ୍ରତି ମଧ୍ୟ ପ୍ରେମ ଭାବ ପ୍ରକାଶ କୁରଥିଲେ । ସେମାନଙ୍କୁ ଆଗୁଆ ସଲାମ୍ (ନମସ୍କାର) କରୁଥିଲେ। ଅତଏବ୍ ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଅନ୍‌ସାରଙ୍କ ନିକଟକୁ ଯେତେବେଳେ ଯାଉଥିଲେ ସେତେବେଳେ ସେମାନଙ୍କ ସନ୍ତାନମାନଙ୍କୁ ସଲାମ୍ (ନମସ୍କାର) କରୁଥିଲେ ଏବଂ ସେମାନଙ୍କ ମୁଣ୍ଡ ଉପରେ ହାତ ବୁଲାଉଥିଲେ ଓ ସେମାନଙ୍କ ନିମନ୍ତେ ଦୁଆ କରୁଥିଲେ । **(ଅସ୍ ସୁନନୁଲ୍ କୁବ୍ରା ଲିନ୍ ନିସାଇ, କିତାବୁଲ୍ ମନାକିବି, ବାବ୍- ଅବ୍‌ନାଅଲ୍ ଅନ୍‌ସାରି, ହଦିସ୍ ନଂ-8349, ଗ୍ରନ୍ଥଖଣ୍ଡ-5, ପୃ-92, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)** ହୁଜୁର୍ ଅନୱର୍ ଅ.ବ କହିଲେ, ହ. ଇବ୍‌ନେ ମସ୍‌ଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ଜଣେ ବ୍ୟକ୍ତି ନବୀ କରୀମ୍ ସ.ଅଙ୍କ ସେବାରେ

**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

**ତାଲିବେ ଦୁଆ:** Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

**ତାଲିବେ ଦୁଆ:** Sheikh Ghulam Ahmad & Family, Jamat Ahmadiya Bhadrak (Odisha)

ଉପସ୍ଥିତ ହେଲା ଏବଂ ଆପଣ ସ.ଅ ସେହି ବ୍ୟକ୍ତି ସହିତ କଥାବାର୍ତ୍ତା ହେଲେ । ହୁଜୁର୍ ସ.ଅଙ୍କ ପ୍ରତିଷ୍ଠା ଜନିତ ବ୍ୟକ୍ତିତ୍ୱ ଯୋଗୁଁ ସେହି ବ୍ୟକ୍ତି ଡରିଗଲା ଏବଂ ତା'ର କାନ୍ଧ ଥରିବାକୁ ଲାଗିଲା । ଆପଣ ସ.ଅ ସେହି ବ୍ୟକ୍ତିକୁ କହିଲେ: "ବସ ! ତୁମେ ଧୀର ସ୍ଥିର ହୁଅ ମୁଁ କୌଣସି ସମ୍ରାଟ୍ ନୁହେଁ । ମୁଁ ତ' ଏପରି ଜଣେ ମହିଳାଙ୍କର ପୁତ୍ର ଅଟେ ଯିଏ (ଆଁହଜରତ୍ ସ.ଅଙ୍କ ମାତାଶ୍ରୀ) ଶୁଷ୍କ ମାଂସ ସେବନ କରୁଥିଲେ ।"

**(ସନୁନ୍ ଇବ୍‌ନେ ମାଜା, କିତାବୁଲ୍ ଅତ୍‌ଇମତି, ବାବୁଲ୍ କଦିଦି, ହଦିସ୍ ନଂ-3312)**

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଦେଖ ! ଆମର ପ୍ରିୟ ମୁନିବ୍ ସ.ଅଙ୍କର ସଫଳତା ଯଦିଓ ଏପରି ଥିଲା ଯେ, ସମସ୍ତ ପୂର୍ବ ଅବତାରମାନଙ୍କ ମଧ୍ୟରେ ଏପରି ଦୃଷ୍ଟାନ୍ତ ମିଳେ ନାହିଁ । କିନ୍ତୁ ଆପଣ ସ.ଅଙ୍କୁ ଅଲ୍ଲାଃତାଲା ଯେମିତି ଯେମିତି ସଫଳତା ପ୍ରଦାନ କଲେ ସେମିତି ସେମିତି ଆପଣ ସ.ଅ ବିନୀତତା ଏବଂ ବିନମ୍ରତା ଅବଲମ୍ବନ କରି ଚାଲିଲେ । ଏକ ଘଟଣାର ଚର୍ଚ୍ଚା ଅଟେ ଯେ, ଏକଦା ଜଣେ ବ୍ୟକ୍ତିକୁ ଧରି ଆଁହଜରତ୍ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରାଗଲା । ଆପଣ ସ.ଅ ସେହି ବ୍ୟକ୍ତିକୁ ଦେଖିଲେ ଯେ, ସେହି ବ୍ୟକ୍ତି ଭୟରେ ଥରୁଛି । କିନ୍ତୁ ସେହି ବ୍ୟକ୍ତି ଯେତେବେଳେ ଆପଣ ସ.ଅଙ୍କ ପାଖକୁ ଆସିଲା ସେତେବେଳେ ଆପଣ ସ.ଅ ଅତ୍ୟନ୍ତ ବିନୀତତା ଏବଂ ବିନମ୍ରତାର ସହିତ ତାକୁ ପଚାରିଲେ ଯେ, ହେ ବ୍ୟକ୍ତି ! ତୁମେ ଏପରି କାହିଁକି ଭୟଭୀତ ହେଉଛ ? ମୁଁ ମଧ ତୁମ ପରି ଜଣେ ମନୁଷ୍ୟ ଅଟେ ଏବଂ ଜଣେ ବୃଦ୍ଧାଙ୍କର ସନ୍ତାନ ଅଟେ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-10, ପୃ-217-218, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ପ୍ରକାଶ୍ୟଗତ ବେଶଭୂଷା, ପରିପାଟୀ ଏବଂ ଆଡମ୍ବରତା ଠାରୁ ଆପଣ ସ.ଅ ବହୁ ଉର୍ଦ୍ଧ୍ୱରେ ଥିଲେ । ଏହାର ପରିପ୍ରକାଶ ଆପଣ ସ.ଅଙ୍କ ମଦିନାର ପ୍ରବାସ ସମୟର ଏକ ଘଟଣାରୁ ମିଳିଥାଏ । ଆମେମାନେ ସେହି ଘଟଣାକୁ ଅନେକ ଥର ଶୁଣିଛୁ । ସୁତରାଂ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ମଦିନା ଅଭିମୁଖେ ପ୍ରବାସ ସମୟରେ ଯେତେବେଳେ ରସୁଲୁଲ୍ଲାଃ ସ.ଅ ମଦିନାକୁ ଆସିଲେ ସେତେବେଳେ ଏକଥା ଶୁଣିବା ମାତ୍ରେ ମୁସଲମାନମାନେ ଉଠି ନିଜର ଅସ୍ତ୍ରଶସ୍ତ୍ର ଆଡ଼କୁ ଧାଇଁଲେ ଏବଂ ହର୍‌ରାହ୍ ନାମକ ଏକ ପଡ଼ିଆରେ ରସୁଲ୍ କରୀମ୍ ସ.ଅଙ୍କୁ ସ୍ୱାଗତ ଜଣାଇଲେ । ଆପଣ ସ.ଅ ସେମାନଙ୍କୁ ସାଙ୍ଗରେ ଧରି ଡାହାଣ ଆଡ଼କୁ ବୁଲିଲେ ଏବଂ ବନୁ ଅମ୍ର ବିନ୍ ଔଫ୍ ସଂପ୍ରଦାୟର ମୁହଲ୍ଲା ଠାରେ ସେମାନଙ୍କ ସହିତ ଅବତରଣ କଲେ । ସେହି ଦିନଟି ସୋମବାର ଦିନ ଥିଲା ଏବଂ ରବିଉଲ୍ ମାସ ଥିଲା । ହ. ଅବୁ ବକ୍କର ର.ଅ ଲୋକମାନଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଛିଡ଼ା ହେଲେ ଏବଂ ରସୁଲୁଲ୍ଲାଃ ସ.ଅ ନିରବ ବସିଥିଲେ । ସେହିପରି ଅନ୍‌ସାରମାନଙ୍କ ମଧ୍ୟରୁ ଯେଉଁ ଲୋକମାନେ ରସୁଲୁଲ୍ଲାଃ ସ.ଅଙ୍କୁ ଦେଖି ନଥିଲେ ସେମାନେ ଆସିଲେ ଏବଂ ହ. ଅବୁ ବକ୍କର୍ ର.ଅଙ୍କୁ ସଲାମ୍ କରିବାକୁ ଲାଗିଲେ । ଏପର୍ଯ୍ୟନ୍ତକି ଖରା ରସୁଲ୍ କରୀମ୍ ସ.ଅଙ୍କ ଉପରେ ପଡ଼ିବାକୁ ଲାଗିଲା । ହ. ଅବୁ ବକ୍କର ର.ଅ ଛିଡ଼ା ହେଲେ ଏବଂ ଆପଣ ହୁଜୁର୍ ସ.ଅଙ୍କ ଉପରେ ନିଜର ଉତ୍ତରୀୟ (ଚଦର) ମାଧ୍ୟମରେ ଛାୟୀ କଲେ । ସେତେବେଳେ ଯାଇ ଲୋକମାନେ ରସୁଲ୍ କରୀମ୍ ସ.ଅଙ୍କୁ ଚିହ୍ନିଲେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ମନାକିବିଲ୍ ଅନ୍‌ସାର୍, ବାବୁ- ହିଜରତୁନ୍ ନବୀ ସ.ଅ ଓ ଅସ୍‌ହାବୁହୁ.....ଅନୁବାଦକ, ଗ୍ରନ୍ଥଖଣ୍ଡ-07, ପୃ-400, ବର୍ଣ୍ଣନା ସଂଖ୍ୟା-3906, ପ୍ରକାଶକ- ନଜାରତ୍ ନଶ୍ରୋ ଇଶାଅତ୍)**

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ହ. ଇବ୍‌ନେ ଅବ୍ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେ ହ. ଉମର୍ ର.ଅଙ୍କ ଠାରୁ ଶୁଣିଲେ, ହ. ଉମର୍ ମଞ୍ଚ ଉପରେ ଛିଡ଼ା ହୋଇ କହୁଥିଲା ଯେ, ମୁଁ ନବୀ କରୀମ୍ ସ.ଅଙ୍କ ଠାରୁ ଶୁଣିଛି ଯେ, ଆପଣ ସ.ଅ କହୁଥିଲେ: "ହେ ଲୋକମାନେ ଯେପରି ଇହୁଦୀମାନେ ହ. ମୁସା ଅ.ସ ଓ ଖ୍ରୀଷ୍ଟିଆନ୍‌ମାନେ ହ. ଇସା ଅ.ସଙ୍କ ପ୍ରଶଂସା କରିବାରେ ଅତିଶୟୋକ୍ତି ପ୍ରୟୋଗ କରିଛନ୍ତି ସେହିପରି ଅତିଶୟୋକ୍ତି ତୁମେମାନେ ମୋର ପ୍ରଶଂସା କରିବାରେ ଆଦୌ ପ୍ରୟୋଗ କରିବ ନାହିଁ । କାରଣ ମୁଁ ତ' କେବଳ ଅଲ୍ଲାଃତାଲାଙ୍କ ଭକ୍ତ ଅଟେ । ତୁମେମାନେ ଏହା କୁହ ଯେ, ମୁଁ ଅଲ୍ଲାଃତାଲାଙ୍କର ଭକ୍ତ ଓ ତାହାଙ୍କର ବାର୍ତ୍ତାବହ ଅଟେ ।" **(ସହିହୁଲ୍ ବୁଖାରୀ, କିତାବୁଲ୍ ଅମ୍ବିୟା, ବାବ୍- କୌଲଲ୍ଲାଃହି ୱଜକୁରୁ ଫିଲ୍ କିତାବି ମରୟମା.....ଅନୁବାଦକ, ଗ୍ରନ୍ଥଖଣ୍ଡ-06, ପୃ-426, ହଦିସ୍ ନଂ-3445, ପ୍ରକାଶକ- ନଜାରତ୍ ନଶ୍ରୋ ଇଶାଅତ୍)**

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ସେହିପରି ଅଲୀ ବିନ୍ ହୁସେନ୍ ର.ଅ ନିଜର ପିତାଶ୍ରୀଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଆମମାନଙ୍କ ସହିତ ଇସଲାମ୍ ଧର୍ମର ପ୍ରେମ ଯୋଗୁଁ ପ୍ରେମ କର । କାରଣ ରସୁଲ୍ କରୀମ୍ ସ.ଅ ମୋତେ କହିଛନ୍ତି ଯେ, ହେ ଅଲୀ ! ତୁମେମାନେ ମୋର ମର୍ଯ୍ୟାଦା ପ୍ରସଙ୍ଗରେ (ମର୍ଯ୍ୟାଦା ବର୍ଣ୍ଣନା କରିବାରେ) ସୀମାଟିକ୍ରମ କରିବ ନାହିଁ । କାରଣ ଅଲ୍ଲାଃତାଲା ମୋତେ ରସୁଲ୍ (ବାର୍ତ୍ତାବହ) କରିବା ପୂର୍ବରୁ ମୋତେ ନିଜର ଭକ୍ତ କରିଛନ୍ତି । ଆପଣ ସ.ଅ କହିଲେ, ହେ ଅଲୀ ତୁମେମାନେ ମୋତେ ଇସଲାମ୍ ଧର୍ମର ପ୍ରେମ ଯୋଗୁଁ ପ୍ରେମ କର । **(ଅଲ୍ ମୁଉଜିମୁଲ୍ କବିର୍, ଲିତ୍ ତିବ୍‌ରାନୀ, ଗ୍ରନ୍ଥଖଣ୍ଡ-3, ପୃ-138-139, ହଦିସ୍ ନଂ-2889, ମକ୍‌ତବା ଇବ୍‌ନେ ତୈମିୟାହ୍)**

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ମୁତଓ୍ୱିଫ୍ ନାମକ ଜଣେ ରାଓ୍ୱି (ବର୍ଣ୍ଣନାକାରୀ) ବର୍ଣ୍ଣନା କଲେ ଯେ, ମୋର ପିତାଶ୍ରୀ କହିଲେ, "ସେ ବନୁ ଆମିର୍ ପ୍ରତିନିଧିମଣ୍ଡଳଙ୍କ ମଧ୍ୟରେ ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଗଲେ । ସେ କହିଲେ, ଆମେମାନେ କହିଲୁ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଆମମାନଙ୍କର ଅଧିପତି ଅଟନ୍ତି । ଆପଣ ସ.ଅ କହିଲେ, ଅଧିପତି ତ' ଅଲ୍ଲାଃତାଲା ଅଟନ୍ତି । ଆମେମାନେ କହିଲୁ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଆମମାନଙ୍କ ମଧ୍ୟରେ କୃପା ଦୃଷ୍ଟିରୁ ସର୍ବୋତ୍କୃଷ୍ଟ ଅସ୍ତିତ୍ୱ ଅଟନ୍ତି ଏବଂ ଉପକାରକାର କରିବାରେ ଆମ ସମସ୍ତଙ୍କ ମଧ୍ୟରୁ ସର୍ବୋତ୍ତମ ଓ ମହାନ୍ ପୁରୁଷ ଅଟନ୍ତି। ଆପଣ ସ.ଅ କହିଲେ, ହେ ଲୋକମାନେ ତୁମେମାନେ ନିଜ କଥା କୁହ । କାରଣ ସଇତାନ୍ ତୁମକୁ ଆହୁରି ବୀର ନକରିଦେଉ ।" **(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ଅଦବ୍, ବାବ୍- ଫି କରାହିୟତୁଲ୍ ମୁତାଦିହ୍, ବର୍ଣ୍ଣନା ସଂଖ୍ୟା-4806)**

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ଏ ହେଉଛି ଆପଣ ସ.ଅଙ୍କ ବିନୀତତାର ମର୍ଯ୍ୟାଦା ଯେ, ଆପଣ ସ.ଅ ତୁରନ୍ତ ହସ୍ତକ୍ଷେପ କରିଦେଲେ ଯେ, ସେହିସବୁ କଥାକୁ ଛାଡ଼ । ସମ୍ଭବତଃ ଏହା ତୁମମାନଙ୍କ ମଧ୍ୟରେ ପରବର୍ତ୍ତୀ ସମୟରେ କେତେକ ଦୋଷ ଦୁର୍ବଳତା ଏବଂ ତ୍ରୁଟି ସୃଷ୍ଟି କରିଦେବେ । ତୁମମାନଙ୍କର ଯେଉଁ ପ୍ରକୃତ ଅଭିପ୍ରାୟ ରହିଛି, ଯେଉଁ ଅଭିପ୍ରାୟ ସକାଶେ ତୁମେମାନେ ଏଠାକୁ ଆସିଅଛ ତାହା ବର୍ଣ୍ଣନା କର ଏବଂ ମୋ ନିମନ୍ତେ ଭୁଲ୍ ପ୍ରକାରର କଥା କୁହ ନାହିଁ । କିନ୍ତୁ ଆପଣ ସ.ଅଙ୍କ ସକାଶେ ପ୍ରଶଂସାର ଯେଉଁ ଶବ୍ଦ ବ୍ୟବହୃତ କରାଯାଉଥିଲା ତାହା ହୋଇପାରି ଥାଆନ୍ତା । ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ହ. ରୁବୈଇ ବିନ୍ତ୍ ମୁଅଓ୍ୱିଜ୍ ବିନ୍ ଅଫ୍ରା କହୁଥିଲେ ଯେ, ଯେତେବେଳେ ମୋର ବିବାହ (ରୁଖସତାନା ଅର୍ଥାତ୍ ବାପ ଘରୁ ବିଦାୟ ନେବା) ହେଲା ସେତେବେଳେ ନବୀ କରୀମ୍ ସ.ଅ ମୋ ପାଖକୁ ଭିତରକୁ ଆସିଲେ ଏବଂ ମୋର ଶେଯ ଉପରେ ଏପରି ବସିଗଲେ ଯେପରି ତୁମେ ମୋ ପାଖରେ ବସିଛ (ଅର୍ଥାତ୍ ରୁବୈଇ ଉକ୍ତ କଥାଟି ଏକ ବ୍ୟକ୍ତିଙ୍କ ସମ୍ମୁଖରେ ବର୍ଣ୍ଣନା କରୁଛନ୍ତି ସେହି ବ୍ୟକ୍ତିକୁ ସେ ନିଜ କଥା କହୁଛନ୍ତି) ତେବେ ସେତେବେଳେ ଆମର କେତେକ ଝିଅମାନେ ଢୋଲ ବଜାଇବାକୁ ଲାଗିଲେ ଏବଂ ମୋର ସେହି ମୁରବୀ ବ୍ୟକ୍ତିମାନଙ୍କର ପ୍ରଶଂସା କରିବାକୁ ଲାଗିଲେ ଯେଉଁମାନେ ବଦର୍ ଯୁଦ୍ଧରେ ମୃତ୍ୟୁବରଣ କରିଥିଲେ । ଅତଏବ୍ ସେହି କବିତା ମଧ୍ୟରୁ ଜଣେ ଝିଅ କବିତା କହିଲା, ଆମମାନଙ୍କ ମଧ୍ୟରେ ଏପରି ଜଣେ ଅବତାର ବିଦ୍ୟମାନ ଅଛନ୍ତି ଯିଏ ଏକଥା ଜାଣନ୍ତି ଯେ, କାଲି କ'ଣ ଘଟିବ । ଆପଣ ସ.ଅ ତୁରନ୍ତ କହିଲେ, ହଉ ହଉ ଛାଡ଼ ସେସବୁ କଥା । ତୁମେ ଯାହା ଆରମ୍ଭରେ ଗାଉଥିଲ ତାହା ହିଁ କାଲି ହେବ । ଏସବୁ ଭୁଲ କଥା ଅଟେ ଯେ, ମୋତେ ଆଦୃଷ୍ଟ ବିଷୟ ସଂପର୍କରେ ଜଣା ଅଛି । କିନ୍ତୁ ଆଦୃଷ୍ଟ ବିଷୟ ତ' କେବଳ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱଙ୍କୁ ହିଁ ଜଣା । **(ସହିହୁଲ୍ ବୁଖାରୀ, କିତାବୁନ୍ ନିକାହ୍, ବାବ୍-ଜର୍ବୁଦ୍ ଦଫି ଫିନ୍ ନିକାହି ୱଲ୍ ୱଲିମତା, ବର୍ଣ୍ଣନା ସଂଖ୍ୟା-5147, ଗ୍ରନ୍ଥଖଣ୍ଡ-13, ପୃ-84-85, ପ୍ରକାଶକ-ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ହ. ଅବ୍‌ଦୁଲ୍ଲାଃ ର.ଅ ନବୀ କରୀମ୍ ସ.ଅଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଆପଣ ସ.ଅ କହିଲେ, କୌଣସି ବ୍ୟକ୍ତି ପକ୍ଷେ ଏହା ଉଚିତ୍ ନୁହଁ ଯେ, ସେ ମୋ ୟୁନୁସ୍ ବିନ୍ ମତାଙ୍କ ଅପେକ୍ଷା ସର୍ବଶ୍ରେଷ୍ଠ ଦର୍ଶାଉ । ଆଁହଜରତ୍ ସ.ଅ ଯଦିଓ ସର୍ବଶ୍ରେଷ୍ଠ ମହାବତାର ଥିଲେ । କିନ୍ତୁ ସର୍ବଶ୍ରେଷ୍ଠ ମହାବତାର ହେବା ସତ୍ତ୍ୱେ ମଧ ଆପଣ ସ.ଅ ଉକ୍ତ ତୁଳନା କରିବାକୁ ବାରଣ କରିଥିଲେ ଏବଂ ନିଜର ସୌଜନ୍ୟତା ଓ ବିନୀତତାର ପରିପ୍ରକାଶ କରିଥିଲେ । **(ସହିହୁଲ୍ ବୁଖାରୀ, କିତାବୁତ୍ ତଫ୍‌ସିରିଲ୍ କୁରଆନ୍, ବାବ୍- କୌଲୁହୁ: {إِنَّا أَوْحَيْنَا إِلَيْكَ كَمَا أَوْحَيْنَا إِلَىٰ نُوحٍ} ଅନ୍ ନିସା: 163, ବର୍ଣ୍ଣନା ସଂଖ୍ୟା-4603, ଅନୁବାଦକ, ଗ୍ରନ୍ଥଖଣ୍ଡ-10, ପୃ-227, ପ୍ରକାଶକ-ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ସେହିପରି ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ବ୍ୟକ୍ତି ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ କହିଲା, ହେ ଖୈରୁଲ୍ ବରିୟାହ୍ ! (ହେ ସର୍ବଶ୍ରେଷ୍ଠ ଜୀବ ଅର୍ଥାତ୍ ମହାମାନବ) ଅର୍ଥାତ୍ ସକଳ ପ୍ରାଣୀମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବ୍ୟକ୍ତି ! ପ୍ରତ୍ୟୁତ୍ତରରେ ରସୁଲ୍ଲାଃ ସ.ଅ କହିଲେ, ଖୈରୁଲ୍ ବରିୟାହ୍ ହ. ଇବ୍ରାହିମ୍ ଅ.ସ ଥିଲେ । **(ସହି ମୁସଲିମ୍, କିତାବୁଲ୍ ଫଜାଇଲି, ବାବ୍- ମିନ୍ ଫଜାଇଲି ଇବ୍ରାହିମୁଲ୍ ଖଲିଲି ସ.ଅ.......ଅନୁବାଦକ, ଗ୍ରନ୍ଥଖଣ୍ଡ-12, ପୃ-**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲ୍‌ଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

"ଇଜ୍‌ତନିବୁଲ୍ ଗଜିବା"

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

**280, ବର୍ଣ୍ଣନା ସଂଖ୍ୟା-4353, ପ୍ରକାଶକ, ନୁର୍ ଫାଉଣ୍ଡେସନ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ନିଃସନ୍ଦେହ ରୂପେ ଆପଣ ସ.ଅ ସର୍ବଶ୍ରେଷ୍ଠ ବ୍ୟକ୍ତି ଓ ମର୍ଯ୍ୟାଦା ପୁରୁଷୋତ୍ତମ ଅଟନ୍ତି । ଆପଣ ସ.ଅ ବାର୍ତ୍ତାବହମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଅଟନ୍ତି । କିନ୍ତୁ ଆପଣ ସ.ଅ ଅତି ବିନୀତତା ଦ୍ୱାରା ତାହାକୁ ହ. ଇବ୍ରାହିମ୍ ଅ.ସଙ୍କ ଆଡ଼କୁ ଇଙ୍ଗିତ କରିଦେଲେ । ହୁଜୁର୍ ଅନୱର୍ ଅ.ବ କହିଲେ, ଆପଣ ସ.ଅଙ୍କ ବିନୀତତାର ଆଉ ଏକ ଉଦାହରଣର ଚର୍ଚ୍ଚା ଏହିପରି ମିଳେ ଯେ, ହ. ଉମର୍ ବିନ୍ ଖତ୍ତାବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ଜଣେ ବ୍ୟକ୍ତି ନବୀ କରୀମ୍ ସ.ଅଙ୍କୁ ତିନି ଥର ଡାକ ଦେଲା ଏବଂ ପ୍ରତ୍ୟେକ ଥର ଆପଣ ସ.ଅ କହିଲେ, ଲବ୍ବୈକ୍, ଲବ୍ବୈକ୍ ଅର୍ଥାତ୍ ମୁଁ ଉପସ୍ଥିତ ଅଛି, ମୁଁ ଉପସ୍ଥିତ ଅଛି । **(ମଜ୍‌ମା ଅଜ୍ ଜୱାଇଦି ୱ ମମ୍‌ବଉଲ୍ ଫୱାଇଦି, କିତାବୁ ଅଲାମାମାତିନ୍ ନୁବୁୱତା, ବାବ୍- ଫି ତୱାଜିଇ ସ.ଅ, ଗ୍ରନ୍ଥଖଣ୍ଡ-8, ପୃ-421, ବର୍ଣ୍ଣନା ସଂଖ୍ୟା-14224, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2001 ମସିହା)**

ହୁଜୁର୍ ଅ.ବ କହିଲେ, ଯେତେବେଳେ ସମଗ୍ର ଆରବ ଦେଶ ଜୟଯୁକ୍ତ ହୋଇଗଲା ସେତେବେଳେ ଏହି ଆରବ୍ୟ ଦିଗ୍‌ବିଜୟୀ ମହାବତାର ହ. ମୁହମ୍ମଦ୍ ସ.ଅ ଏକ ଲକ୍ଷ ଅତିରିକ୍ତ ସାହାବାମାନଙ୍କ ସହିତ ହଜ୍ କଲେ ଏବଂ ସେତେବେଳେ ଆପଣ ସ.ଅଙ୍କ ବିନୀତତାର ଏହି ଅବସ୍ଥା ଥିଲା ଯେ, ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଏକ ସାଧାରଣ ପଲାଣ ଥିବା ବାହାନ ଉପରେ ବସି ଓ ଚାରି ଦିର୍‌ହମ୍ ତୁଲ୍ୟ ଉତ୍ତରୀୟ ପିନ୍ଧି ହଜ୍ କଲେ । କେବଳ ସେତିକି ନୁହେଁ ବରଂ ତାହା ଚାରି ଦିର୍‌ହମ୍ ତୁଲ୍ୟ ମଧ୍ୟ ନଥିଲା । ଅର୍ଥାତ୍ ଅତି ସାଧାରଣ ଉତ୍ତରୀୟ ଚଦର ଥିଲା । ଆପଣ ସ.ଅ କହିଲେ, اَللّٰهُمَّ حَجَّةٌ لَا رِيَاءَ فِيهَا وَلَا سُمْعَةَ ଅର୍ଥାତ୍ ହେ ଅଲ୍ଲାଃ ! ଏହି ହଜ୍‌ଟି ଏପରି ହଜ୍ ଅଟେ ଯେ, ତହିଁରେ ନା କୌଣସି ଲୋକ ଦେଖାଣିଆ କର୍ମ ରହିଛି ଓ ନା ହିଁ କୌଣସି ଖ୍ୟାତି କାମ୍ୟ ରହିଛି । **(ସୁନନ୍ ଇବ୍‌ନେ ମାଜା, କିତାବୁଲ୍ ମନାସିକ୍, ବାବ୍- ଅଲ୍ ହଜ୍ ଅଲର୍ ରହ୍‌ଲି, ବର୍ଣ୍ଣନା ସଂଖ୍ୟା-2890) (ଅସ୍ ସିରତୁଲ୍ ହଲବିୟାହ୍, ଗ୍ରନ୍ଥ ଖଣ୍ଡ-3, ପୃ-361, ମକତବା- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଆଁହଜରତ୍ ସ.ଅଙ୍କ ପ୍ରଶଂସା ଏବଂ ଆପଣ ସ.ଅଙ୍କ ନାମର ଉଚ୍ଚ ପ୍ରଶଂସା କରି ବର୍ଣ୍ଣନା କରନ୍ତି ଯେ, "ଅହମଦ୍ ନାମ ସୌନ୍ଦର୍ଯ୍ୟର ପରିପ୍ରକାଶ ଅଟେ । ଏହି ନାଁର ବିପରୀତରେ ମୁହମ୍ମଦ ସ.ଅଙ୍କ ନାମ ପ୍ରତାପର ପରିପ୍ରକାଶ ଅଟେ । ଆଁହଜରତ୍ ସ.ଅଙ୍କ ଦୁଇଟି ନାମ ଅଟେ । କାରଣ ଏହିକି ଯେ, ମୁହମ୍ମଦ ସ.ଅଙ୍କ ନାମ ପ୍ରିୟତମଙ୍କ ରହସ୍ୟ ଅଟେ । ଅର୍ଥାତ୍ ଯେଉଁ ନାମ ମୁହମ୍ମଦ ସ.ଅଙ୍କ ରହିଛି ତହିଁରେ ପ୍ରିୟତମ ହେବାର ଗୁପ୍ତ ରହସ୍ୟ ନିହିତ ରହିଛି। ଅର୍ଥାତ୍ ଆପଣ ସ.ଅ ଅଲ୍ଲାଃତାଲାଙ୍କ ଅତି ପ୍ରିୟତମ ଭକ୍ତ ଅଟନ୍ତି । କାରଣ ସକଳ ପ୍ରଶଂସା ଏବଂ ପରିପୂର୍ଣ୍ଣତ୍ୱତାର ସୌନ୍ଦର୍ଯ୍ୟ ଅଟେ । ସକଳ ପ୍ରଶଂସାର ପାତ୍ର ହେବା ପ୍ରତାପବାନ (ଶ୍ରେଷ୍ଠ ହେବା) ଏବଂ ପ୍ରତିଷ୍ଠା (ମହତ୍ତ୍ୱା)କୁ ଅପେକ୍ଷା କରିଥାଏ । ସକଳ ପ୍ରଶଂସାର ସମାହାର ଅଟନ୍ତି । ଯେତେବେଳେ ଆପଣ ସ.ଅ ଅଲ୍ଲାଃତାଲାଙ୍କ ପ୍ରତାପ (ଶ୍ରେଷ୍ଠତା) ଆପଣ ସ.ଅଙ୍କ ସକାଶେ ପରିପ୍ରକାଶିତ ହେବ ଓ ଆପଣ ସ.ଅ ସେହି ପ୍ରତାପର ପରିପ୍ରକାଶ ମଧ୍ୟ କରିବେ ସେତେବେଳେ ଆପଣ ସ.ଅ ସକଳ ପ୍ରଶଂସାର ସମାହାର ରୂପେ ବିବେଚିତ ହେବେ । ସେହିପରି ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଯେଉଁ ସର୍ବୋଚ୍ଚ ମର୍ଯ୍ୟାଦା ପ୍ରଦାନ କରିଛନ୍ତି ତାହାର ପରିପ୍ରକାଶ ଯେତେବେଳେ ଆପଣ ସ.ଅ କରିବେ ସେତେବେଳେ ଯାଇ ଆପଣ ସ.ଅ ସକଳ ପ୍ରଶଂସାର ପାତ୍ର ହୋଇପାରିବେ। କିନ୍ତୁ ଅହମଦ୍ ନାମରେ ପ୍ରେମର ରହସ୍ୟ ନିହିତ ରହିଛି । ପ୍ରେମର ରଙ୍ଗ ଗୁପ୍ତ ଥାଏ। କାରଣ ପ୍ରଶଂସା ବିନୀତତା, ବିନମ୍ରତାକୁ ଆଶା କରିଥାଏ ଓ ପ୍ରେମମୟ ବିନୀତତା ତଥା ବିନୀତତାକୁ ବାଞ୍ଛନୀୟ ରୂପେ ଆବଶ୍ୟକ କରିଥାଏ । ଏହାର ନାମ ଜମାଲି ଅବସ୍ଥା (ସୌନ୍ଦର୍ଯ୍ୟାବସ୍ଥା) ଅଟେ । ଅହମଦ୍‌ର ନାମ ଏଇଥି ପାଇଁ ସୌନ୍ଦର୍ଯ୍ୟାବସ୍ଥା ଅଟେ ଯେ, ତହିଁରେ ପ୍ରେମ ନିହିତ ରହିଛି । ଏହି ଅବସ୍ଥା ବିନୀତତାକୁ ଆବଶ୍ୟକ କରିଥାଏ । ଆପଣ ଅ.ସ କୁହନ୍ତି ଆମର ପ୍ରିୟାବତାର ମୁହମ୍ମଦ ସ.ଅଙ୍କ ମଧ୍ୟରେ ପ୍ରେମାସ୍ପଦ ହେବାର ଅବସ୍ଥା ବା ପ୍ରିୟତା ମର୍ଯ୍ୟାଦା ମଧ୍ୟ ଥିଲା । ତେଣୁ ଆପଣ ସ.ଅଙ୍କ ନାମ ମୁହମ୍ମଦ୍ ସ.ଅ ହେବା ଆବଶ୍ୟକ କରୁଥିଲା । ଅର୍ଥାତ୍ ମୁହମ୍ମଦ୍ ସ.ଅଙ୍କ ନାମ ସେହି ପ୍ରସଙ୍ଗକୁ ଆବଶ୍ୟକ କରୁଥିଲା ଯେ ଆପଣ ସ.ଅ ଈଶ୍ୱରଙ୍କର ପ୍ରିୟତମ ଭକ୍ତ ଥିଲେ । କାରଣ ମୁହମ୍ମଦ୍ ସ.ଅ ହେବା ଅର୍ଥାତ୍ ସକଳ ପ୍ରଶଂସିତ ହେବା, ପ୍ରେମାସ୍ପଦ ବା ପ୍ରେମତା ଅବସ୍ଥା ସୃଷ୍ଟି କରୁଥିଲା ଓ ଆଁହଜରତ୍ ସ.ଅଙ୍କ ମଧ୍ୟରେ ପ୍ରେମୀ ହେବାର ମର୍ଯ୍ୟାଦା ମଧ୍ୟ ବିଦ୍ୟମାନ ଥିଲା । ତେଣୁ ଏହି ମୁହମ୍ମଦ ନାମଟି ଅହମଦ ନାମକୁ ଆବଶ୍ୟକ (ଅପେକ୍ଷା) କରିଥାଏ। ଅର୍ଥାତ୍ ଅହମଦ୍‌ର ଯେଁଉ ନାମଟି ରହିଛି ତାହା ଏହା ଆବଶ୍ୟକ କରୁଥିଲା ଯେ, ଆପଣ ସ.ଅଙ୍କ ମଧ୍ୟରେ ପ୍ରେମ କରିବାର ସାମର୍ଥ୍ୟତା ମଧ୍ୟ ହେବା ଉଚିତ୍ । କାରଣ ପ୍ରଶଂସକ ନିମନ୍ତେ ପ୍ରେମୀ (ମିତ୍ର) ହେବା ମଧ୍ୟ ଜରୁରୀ ଅଟେ । ପ୍ରତ୍ୟେକ ବ୍ୟକ୍ତି କୌଣସି ବ୍ୟକ୍ତିର ପ୍ରକୃତ ତଥା ପୂର୍ଣ୍ଣ ପ୍ରଶଂସା ସେତେବେଳେ କରିଥାଏ ଯେତେବେଳେ ସେ ସେହି ବ୍ୟକ୍ତିର ପ୍ରେମୀ ଓ ମିତ୍ର ହୋଇଥିବ । ପ୍ରେମିକ ଏବଂ ମିତ୍ର ହେବା ନିମନ୍ତେ ବିନୀତତା ଅନିର୍ବାର୍ଯ୍ୟ ଅଟେ । କୌଣସି ବ୍ୟକ୍ତିର ପ୍ରେମିକ ହେବା ନିମନ୍ତେ ବିନୀତତା ପ୍ରଦର୍ଶନ କରିବା ଜରୁରୀ ଅଟେ । କୌଣସି ବ୍ୟକ୍ତି ଉପରେ ନିଜର ପ୍ରଭାବ ପକାଇ ପ୍ରେମର ପରିପ୍ରକାଶ ହୋଇ ନଥାଏ । ଏହା ହିଁ ଜମାଲି ଅର୍ଥାତ୍ ସୌନ୍ଦର୍ଯ୍ୟାତ୍ମକ ଅବସ୍ଥା ଯାହା ଅହମଦିୟା ବାସ୍ତବତା ନିମନ୍ତେ ଆବଶ୍ୟକ ଅଟେ। ମୁହମ୍ମଦ୍ ସ.ଙ୍କ ନାମରେ ଯେଉଁ ପ୍ରେମିକତା ନିହିତ ଥିଲା ତାହା ସାହାବାମାନଙ୍କ ମାଧ୍ୟମରେ ପ୍ରାଦୁର୍ଭୂତ ହେଲା ଏବଂ ଯେଉଁ ଲୋକମାନେ ଆପଣ ସ.ଅଙ୍କ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଥିଲେ ତଥା ମୁହଁ ବୁଲାଉଥିଲେ ସେମାନେ ଅଲ୍ଲାଃତାଲାଙ୍କ ପ୍ରିୟତମ ବାର୍ତ୍ତାବହ ମୁହମ୍ମଦ ସ.ଅଙ୍କ ପ୍ରତାପ ତଥା ମର୍ଯ୍ୟାଦା ଦ୍ୱାରା ଦମନ ହୋଇଥିଲେ । ଅର୍ଥାତ୍ ଆପଣ ସ.ଅ ଅଲ୍ଲାଃତାଲାଙ୍କ ପ୍ରିୟତମ ଥିଲେ । ତେଣୁ ଅଲ୍ଲାଃତାଲା ନିଜର ପ୍ରତାପ (ଚମତ୍କାର) ମଧ୍ୟ ଦେଖାଇଲେ ଓ ନିଜର ସାହାବାମାନଙ୍କ ମାଧ୍ୟମରେ ସେହି ପ୍ରତାପ ଅର୍ଥାତ୍ ଶ୍ରେଷ୍ଠତା ପ୍ରଦର୍ଶ କଲେ ଯଦ୍ଦ୍ୱାରାକି ଶତ୍ରୁମାନେ ଖଣ୍ଡବିଖଣ୍ଡିତ ହୋଇ ଦମନ ହେଲେ ।"

**(ଅର୍ବଇନ୍ ସଂଖ୍ୟା-4, ରୁହାନୀ ଖଜାଇନ୍, ଗ୍ରନ୍ଥଖଣ୍ଡ-117, ପୃ-447-448)**

ହୁଜୁର୍ ଅ.ବ କହିଲେ, ପୁନଶ୍ଚ ଏହାର ସବିଶେଷ ବିବରଣୀ ପ୍ରଦାନ କରି ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି: "ଆଁହଜରତ୍ ସ.ଅଙ୍କ ପବିତ୍ର ନାମରେ ଏକ ରହସ୍ୟ ଏହା ନିହିତ ରହିଛି ଯେ, ମୁହମ୍ମଦ୍ ସ.ଅ ଓ ଅହମଦ ସ.ଅ ଯେଉଁ ଦୁଇଟି ନାଁ ରହିଛି ତହିଁରେ ଦୁଇଟି ଭିନ୍ନ ଭିନ୍ନ ବୈଶିଷ୍ଟ୍ୟତା ଓ ଅନନ୍ୟତା ରହିଛି । ମୁହମ୍ମଦ ସ.ଅଙ୍କ ନାମ ପ୍ରତାପ ଅର୍ଥାତ୍ ମର୍ଯ୍ୟାଦା ଜନିତ ଶ୍ରେଷ୍ଠତା ଓ ମହତ୍ତ୍ୱା ବା ପ୍ରତିଷ୍ଠାକୁ ଆବଶ୍ୟକ କରିଥାଏ । କାରଣ ଅପଣ ସ.ଅଙ୍କ ନାମର ଅର୍ଥ ଅତି ପ୍ରଶଂସିତ ଅଟେ । ତହିଁରେ ଏକ ପ୍ରେମିକର ରଙ୍ଗ ନିହିତ ରହିଛି । କାରଣ ଯାହାକୁ ମଣିଷ ଭଲ ପାଇଥାଏ, ତାହାର ସେ ପ୍ରଶଂସା କରିଥାଏ । ତେଣୁ ମୁହମ୍ମଦ୍ ସ.ଅଙ୍କ ନାମରେ ପ୍ରତାପି ତଥା ଶ୍ରେଷ୍ଠତା ପକ୍ଷ ନିହିତ ହେବା ବିଧେୟ ଅଟେ । କିନ୍ତୁ ଅହମଦ ନାମ ନିଜ ମଧ୍ୟରେ ପ୍ରେମିକ ପକ୍ଷ ନିହିତ ରଖିଥାଏ । କାରଣ ପ୍ରଶଂସା କରିବା ପ୍ରେମିକର କାର୍ଯ୍ୟ ଅଟେ। ସେ ନିଜର ପ୍ରିୟତମ ଓ ଅତିପ୍ରିୟ ବ୍ୟକ୍ତିତ୍ୱର ପ୍ରଶଂସା କରିଥାଏ । ତେଣୁ ଯେପରି ମୁହମ୍ମଦ୍ ସ.ଅ ପ୍ରେମାସ୍ପଦ ମର୍ଯ୍ୟାଦାରେ ପ୍ରତାପ, ଶ୍ରେଷ୍ଠତା ଓ ମହତତାକୁ ଆବଶ୍ୟକ କରିଥାଏ । ଠିକ୍ ସେହିପରି ଆଁହଜରତ୍ ସ.ଅଙ୍କ ଯେଉଁ ଦ୍ୱିତୀୟ ନାମ ଅହମଦ ରହିଛି। ତାହା ବିନୀତତା ଓ ବିନମ୍ରତାକୁ ଆବଶ୍ୟକ କରେ । ଉକ୍ତ ନାମରୁ ବିନୀତତା ଓ ବିନମ୍ରତା ପରିପ୍ରକାଶିତ ହୋଇଥାଏ । ତହିଁରେ ଏକ ରହସ୍ୟ ନିହିତ ଥିଲା ଯେ, ଆପଣ ସ.ଅଙ୍କ ଜୀବନକୁ ଦୁଇ ଭାଗରେ ବିଭକ୍ତ କରି ଦିଆଯାଇଛି । 1- ମକ୍କୀୟ ଜୀବନ । ଏହା 13 ବର୍ଷ କାଳର ଜୀବନ ଅଟେ । 2- ମଦନୀୟ ଜୀବନ । ଏହା 10 ବର୍ଷ କାଳ ପର୍ଯ୍ୟନ୍ତ ସୀମିତ ଥିଲା । ମକ୍କୀୟ ଜୀବନରେ ଅହମଦ୍ ନାଁର ପ୍ରକାଶ (ଅଧ୍ୟାତ୍ମ ଜ୍ୟୋତି, ପ୍ରତାପ) ନିହିତ ଥିଲା । ସେତେବେଳେ ଆପଣ ସ.ଅ ଈଶ୍ୱରଙ୍କ ସମ୍ମୁଖରେ ଦିନ ରାତି କାକୁତି ମିନତୀ, ରୋଦନ ଓ ବିଳାପ, ସାହାଯ୍ୟ ଭିକ୍ଷା ଏବଂ ଦୁଆରେ ନିଜର ସମୟକାଳ ଅତିବାହିତ କରୁଥିଲେ । ଅମ୍ଳା ସହିତ ବିନୀତତା ଏବଂ ବିନମ୍ରତାର ନିବିଡ଼ ସଂପର୍କ ରହିଥିଲା । ଅତଃ ଆପଣ ସ.ଅଙ୍କ ପରବର୍ତ୍ତୀ କାଳୀନ ଅବସ୍ଥା ମଧ୍ୟ ଏହିପରି ଥିଲା । କିନ୍ତୁ ଏଠାରେ କେବଳ ଓ କେବଳ ପ୍ରକାଶ୍ୟଗତ ଗୁଣ ଅର୍ଥାତ ବୈଶିଷ୍ଟ୍ୟତା ପ୍ରକାଶିତ ହେଉଥିଲା । ଯଦି କୌଣସି ବ୍ୟକ୍ତି ଆପଣ ସ.ଅଙ୍କ ସେହି ଜୀବ ଯାପନ ସଂପର୍କରେ ସଂପୂର୍ଣ୍ଣ ରୂପେ ଅବଗତ ଥାଏ ତେବେ ସେହି ବ୍ୟକ୍ତି ଜାଣି ପାରିବ ଯେ, ଆପଣ ସ.ଅ ଯେଉଁ ବିନୀତତା, କାକୁତି ମିନତୀ ଆପଣ ସ.ଅ ସେହି ମକ୍କୀୟ ଜୀବନ କାଳ ମଧ୍ୟରେ କରିଛନ୍ତି ତାହା କେବେ ବି କୌଣସି ପ୍ରେମିକ ନିଜର ପ୍ରିୟତମଙ୍କ ସନ୍ଧାନ ସକାଶେ ନା କରିଛି ଓ ନା ହିଁ କେବେ କରିପାରିବ । ଅଲ୍ଲାଃତାଲାଙ୍କ ପ୍ରେମରେ କିଭଳି ଭାବରେ ଆପଣ ସ.ଅ ନିଜକୁ ନିଃଶେଷ କରି ଦେଇଥିଲେ ତାହାର ଉଦାହରଣ ଆପଣ ଅ.ସ ଉପସ୍ଥାପିତ କରୁଛନ୍ତି । ଅର୍ଥାତ୍ ଆପଣ ସ.ଅଙ୍କ ସମଗ୍ର ଜୀବନ ଉକ୍ତ କଥା ଦ୍ୱାରା ପରିପୂର୍ଣ୍ଣ ଅଟେ ଯେ, ଆପଣ ସ.ଅ କିପରି ନିଜର ପରମ ପୂଜ୍ୟ ପ୍ରିୟତମ ଈଶ୍ୱରଙ୍କୁ ଭଲ ପାଉଥିଲେ ଏବଂ ତାହାଙ୍କ ସକାଶେ ନିଜର ସମଗ୍ର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ ? କିନ୍ତୁ ବିଶେଷ କରି ଏହା ସେହି କାଳର କଥା ଅଟେ । ପୁନଶ୍ଚ ଆପଣ ସ.ଅଙ୍କ ବିନୀତତା ନିଜ ସକାଶେ ଉଦ୍ଦିଷ୍ଟ ନଥିଲା ବରଂ ଏହି ବିନୀତତା ଏବଂ ବିନମ୍ରତା ସଂସାରର ଅବସ୍ଥା ସହିତ ସଂପୂର୍ଣ୍ଣ ଅବଗତ ଯୋଗୁଁ ଥିଲା । ଈଶ୍ୱରଙ୍କ ଉପାସନା ତଥା ତାହାଙ୍କ ଆରାଧନାର ଚିହ୍ନ ବର୍ଣ୍ଣ ଭୂପୃଷ୍ଠରୁ ନିଶ୍ଚିହ୍ନ ହୋଇଯାଇଥିଲା ଏବଂ ଆପଣ ସ.ଅଙ୍କ ଆତ୍ମା ଏବଂ ଖ୍ମିରରେ ଅଲ୍ଲାଃତାଲା ବିଶ୍ୱାସ ରଖି ଏକ ସ୍ୱାଦ ଓ ଆନନ୍ଦ ଆସି

---

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

---

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** كُونُوا مَعَ الصّٰدِقِينَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ସାରିଥିଲା । ସ୍ୱଭାବତଃ ସଂସାରକୁ ସେହି ସ୍ୱାଦ ଏବଂ ପ୍ରେମ ଦ୍ୱାରା ପରିପୂର୍ଣ୍ଣ (ଏବଂ ଉନ୍ନତ) କରିବାକୁ ଚାହୁଁଥିଲେ । ଏପଟେ ସଂସାରର ଅବସ୍ଥାକୁ ଯେତେବେଳେ قُلْ اِنْ كُنْتُمْ تُحِبُّوْنَ اللّٰهَ فَاتَّبِعُوْنِيْ يُحْبِبْكُمُ اللّٰهُ ଦେଖୁଥିଲେ ସେତେବେଳେ ସେମାନଙ୍କର ସାମର୍ଥ୍ୟତାତ ଏବଂ ସ୍ୱଭାବ ବିଚିତ୍ର ପ୍ରକାରର ହୋଇଯାଇଥିଲା ଏବଂ ଅତ୍ୟନ୍ତ ବିପତ୍ତି ଏବଂ ସମସ୍ୟାର ସମ୍ମୁଖୀନ ହେଉଥିଲେ । ତେଣୁ ସଂସାରର ଏହି ଅବସ୍ଥାକୁ ଦେଖି ଆପଣ ସ.ଅ ରୋଦନ କରୁଥିଲେ । ଆପଣ ସ.ଅ ଏତେ ରୋଦନ ଏବଂ ବିଳାପ କରୁଥିଲେ ଯେ, ଆପଣ ସ.ଅଙ୍କ ପ୍ରାଣବାୟୁ ଉଡ଼ି ଯାଇଥାଆନ୍ତା । ଏହି ଆଡ଼କୁ ଇଙ୍ଗିତ କରି ଅଲ୍ଲାଃତାଲା କହିଲେ, لَعَلَّكَ بَاخِعٌ نَّفْسَكَ اَلَّا يَكُوْنُوْا مُؤْمِنِيْنَ **(ଅଶ୍ ଶୋଓରା: 4)** ଅର୍ଥାତ୍ ସେମାନେ କାହିଁକି ବିଶ୍ୱାସ କରୁ ନାହାନ୍ତି ବୋଲି ତୁମେ ନିଜ ଜୀବନକୁ ବିନାଶମୁଖୀ କରାଇବ । ଏହା ଆପଣ ସ.ଅଙ୍କ ବିନୀତତାମୂଳକ ଜୀବନ ଥିଲା ଏବଂ ଅହମଦ୍ ନାମର ପରିପ୍ରକାଶକ ଥିଲା । ସେତେବେଳେ ଆପଣ ସ.ଅ ମହାନ୍ ଧ୍ୟାନରେ ପଡ଼ି ରହିଥିଲେ । ଯେପରିକି ଉପରୋକ୍ତ ଆୟତରୁ ଜ୍ଞାତ ହୁଏ ଯେ, ସେହି ଧ୍ୟାନର ପରିପ୍ରକାଶ ଏବଂ ପ୍ରାଦୁର୍ଭାବ ମଦନୀୟ ଜୀବନ ଓ ମୁହମ୍ମଦ୍ ସ.ଅଙ୍କ ନାମ ପ୍ରକାଶ ସମୟରେ ହେଲା । ଆଁହଜରତ୍ ସ.ଅଙ୍କ ଜୀବନର ପ୍ରଥମ ଯୁଗ ଅହମଦ ଜୀବନ ଥିଲା । ବର୍ତ୍ତମାନ ଯେହେତୁ ଆପଣ ସ.ଅ ମଦିନାକୁ ଆସି ଯାଇଥିଲେ ତେଣୁ ମୁହମ୍ମଦ୍ ସ.ଅଙ୍କ ଆଲୋକ ପରିପ୍ରକାଶିତ ଓ ଉଦ୍ଭାସିତ ହେଲା । ଯେପରିକି ପୂର୍ବେ ଚର୍ଚ୍ଚା ହୋଇଛି ଯେ, ଆପଣ ସ.ଅ ସାହାବାମାନଙ୍କ ମାଧ୍ୟମରେ ଶତ୍ରୁମାନଙ୍କର ସଂହାର କରିଥିଲେ । ଏପର୍ଯ୍ୟନ୍ତକି ଆପଣ ସ.ଅ କହୁଥିଲେ ଯେ, ଆଲୋକ ପ୍ରକାଶିତ ହେବାର ସମୟ ହୋଇଗଲା । ସୁତରାଂ ଏକ ଆୟତରୁ ଏଥି ସଂକ୍ରାନ୍ତରେ ଜଣାପଡ଼େ ଯେ, وَاسْتَفْتَحُوْا وَخَابَ كُلُّ جَبَّارٍ عَنِيْدٍ **(ଇବ୍ରାହିମ୍: 16)** ଏବଂ ସେମାନେ ନିଜ ବିଜୟ ସକାଶେ ପ୍ରାର୍ଥନା କଲେ ଓ ପରିଣାମ ସ୍ୱରୂପ ପ୍ରତ୍ୟେକ ଉଦ୍ଧତ ଓ ସତ୍ୟର ବିରୁଦ୍ଧାଚାରୀ (ବିରୋଧୀ ବ୍ୟକ୍ତି) ବିଫଳ ହେଲେ । ମଦିନା ଠାକୁ ଆସିବା ପରେ ଆପଣ ସ.ଅଙ୍କ ଯେଉଁ ଶତ୍ରୁମାନେ ରହିଥିଲେ ସେମାନେ ଯେତେବେଳେ ଆପଣ ସ.ଅଙ୍କ ଉପରେ ନାନା ପ୍ରକାରର କଠୋରତା ଏବଂ ଅତ୍ୟାଚାର ପ୍ରଦର୍ଶନ କଲେ ସେତେବେଳେ ସେଠାରେ ମୁହମ୍ମଦ ସ.ଅଙ୍କ ଚମତ୍କାର ପ୍ରକଟତି ହୋଇଥିଲା । ତତ୍ପରେ ଶତ୍ରୁମାନେ ଧ୍ୱଂସ ହୋଇଗଲେ وَاسْتَفْتَحُوْا وَخَابَ كُلُّ جَبَّارٍ عَنِيْدٍ ଅଲ୍ଲାଃତାଲାଙ୍କୁ ସାହାଯ୍ୟ ମାଗିଲେ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ସାହାଯ୍ୟ ପ୍ରଦାନ କଲେ । ପୁନଶ୍ଚ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଶତ୍ରୁମାନଙ୍କ ଉପରେ ବିଜୟ ପ୍ରଦାନ କଲେ ଓ ଆପଣ ସ.ଅଙ୍କ ଶତ୍ରୁମାନଙ୍କର ବିନାଶ କଲେ । ଅଲ୍ଲାଃତାଲା ସେମାନଙ୍କୁ ଧ୍ୱଂସ କରିଦେଲେ ।"

**(ମଲ୍‌ଫୁଜତ୍, ଗ୍ରନ୍ଥଣ୍ଡ-2, ପୃ-62-63, ସଂସ୍କରଣ ବର୍ଷ 2022 ମସିହା)**

ହୁଜୁର୍ ଅନୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ଅବସ୍ଥା ଯେଭଳି ଭାବରେ କେତେକ ସ୍ଥାନରେ ବିନୀତତା ଏବଂ ବିନମ୍ରତା ଦ୍ୱାରା ପୂର୍ଣ୍ଣ ଥିବାର ଦୃଶ୍ୟମାନ ହୁଏ ସେହିଭଳି ଭାବରେ ଏହା ମଧ୍ୟ ଜ୍ଞାତ ହୁଏ ଯେ, ଆପଣ ସ.ଅ ଦେବଦୂତମାନଙ୍କର ସାହାଯ୍ୟ ଓ ଅଲ୍ଲାଃତାଲାଙ୍କ ସାହାଯ୍ୟ ଏବଂ ପ୍ରକାଶଜନିତ ସମର୍ଥନ ଦ୍ୱାରା ଆଲୋକିତ ହୋଇଥିଲେ। ଯେପରିକି ଆମର ପ୍ରିୟ ମୁନିବ ସ.ଅ ନିଜର ବ୍ୟବହାରିକ ଏବଂ କାର୍ମିକ ଅବସ୍ଥା ମାଧ୍ୟମରେ ଆମମାନଙ୍କୁ ଦେଖାଇ ଦେଇଛନ୍ତି ଯେ, ଆପଣ ସ.ଅ କିପରି ବିନୀତତା ଏବଂ ବିନମ୍ରତା ପ୍ରଦର୍ଶନ କିରଥିଲେ । ଏପର୍ଯ୍ୟନ୍ତ କି ଆପଣ ସ.ଅଙ୍କ ଆଲୋକ ଏବଂ କଲ୍ୟାଣର ପରିଧି ଏତେ ବ୍ୟାପକ ଯେ, ସର୍ବଦା ତାହାର ଉଦାହରଣ ଏବଂ ଛାୟୀ ଦୃଶ୍ୟମାନ ହୋଇଥାଏ । ସର୍ବଦା ଏହି ଉଦାହରଣ ଦୃଶ୍ୟମାନ ହେଉଥିବ। ସୁତରାଂ ସାଂପ୍ରତିକ କାଳରେ ମଧ୍ୟ ଅଲ୍ଲାଃତାଲାଙ୍କର ଯେଉଁ କୃପା ଏବଂ କଲ୍ୟାଣ ଅବତୀର୍ଣ୍ଣ ହେଉଛି ତାହା ଆପଣ ସ.ଅଙ୍କ ଆଜ୍ଞାବହତ୍ୱ ଓ ଆପଣ ସ.ଅଙ୍କ ଆଜ୍ଞା ପାଳନ ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ । ମୁଁ ସତ ସତ କହୁଛି ଏବଂ ନିଜର ଅଭିଜ୍ଞତା ଦ୍ୱାରା କହୁଛି ଯେ, କୌଣସି ବ୍ୟକ୍ତି ପ୍ରକୃତ ପୁଣ୍ୟକର୍ମ ସମ୍ପାଦନକାରୀ ଏବଂ ଈଶ୍ୱରଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତାକୁ ପ୍ରାପ୍ତ କରିବାପାରିବ ନାହିଁ । ଯେଉଁ ପୁରସ୍କାର, ଅଧ୍ୟାତ୍ମ ପରିଚୟ, ସତ୍ୟତା ଏବଂ ସତ୍ୟ ସ୍ୱପ୍ନ ସର୍ବୋଚ୍ଚ ସ୍ତରୀୟ ଆତ୍ମ ପବିତ୍ରତା ଦ୍ୱାରା ମିଳିଥାଏ ସେହି ପୁରସ୍କାର, ଅଧ୍ୟାତ୍ମ ପରିଚୟ ଏବଂ ସତ୍ୟତା ଓ ସତ୍ୱ ସ୍ୱପ୍ନ ଦ୍ୱାରା ବ୍ୟକ୍ତି ନିଜକୁ ଧନ୍ୟ ତଥା ସୌଭାଗ୍ୟଶାଳା ମନେକରିପାରିବ ନାହିଁ । ସେହିପରି ଯେପର୍ଯ୍ୟନ୍ତ ବ୍ୟକ୍ତି ଆଁହଜରତ୍ ସ.ଅଙ୍କ ଆଜ୍ଞାବହତ୍ୱତାରେ ନିଜକୁ ହଜାଇ ଦେଇ ନାହିଁ ସେପର୍ଯ୍ୟନ୍ତ ବ୍ୟକ୍ତି ନିଜକୁ ଧନ୍ୟ ଓ ସୋଭାଗ୍ୟଶାଳୀ ବୋଲି ମନେ କରିପାରିବ ନାହିଁ । ଏହାର ପ୍ରମାଣ ସ୍ୱୟଂ ଅଲ୍ଲାଃତାଲାଙ୍କ ବାଣୀରୁ ହିଁ ମିଳିଥାଏ । ଅର୍ଥାତ୍ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: قُلْ اِنْ كُنْتُمْ تُحِبُّوْنَ اللّٰهَ فَاتَّبِعُوْنِيْ يُحْبِبْكُمُ اللّٰهُ **(ଆଲେ ଇମ୍ରାନ୍:32)** ଅର୍ଥାତ୍ ହେ ମୁହମ୍ମଦ ! ତୁମ୍ଭ କୁହ ଯେ, ହେ ବିଶ୍ୱାସକାରୀମାନେ ! ଯଦି ତୁମେମାନେ ଅଲ୍ଲାଃଙ୍କୁ ପ୍ରେମ କରୁଥାଅ ତେବେ ଆମ୍ଭଙ୍କୁ ଅନୁସରଣ କର । ଏପରି କରିବା ଦ୍ୱାରା ଅଲ୍ଲାଃତାଲା ମଧ୍ୟ ତୁମମାନଙ୍କୁ ପ୍ରେମ କରିବେ । ହୁଜୁର୍ ଅନୱର୍ ଅ.ବ କହିଲେ, ହୁଜରତ୍ ମସିହ୍ ମଉଦ୍ ଅ.ସ କୁହନ୍ତି: "ଅଲ୍ଲାଃତାଲାଙ୍କ ଏହି ଦାବିର ବ୍ୟବହାରିକ ଓ ଜୀବନ୍ତ ପ୍ରମାଣ ମୁଁ ଅଟେ । ମୁଁ ଆଁହଜରତ୍ ସ.ଅଙ୍କୁ ଭଲ ପାଏ ଏବଂ ଅଲ୍ଲାଃତାଲାଙ୍କ କୃପା ମୋ ଉପରେ ଅବତୀର୍ଣ୍ଣ ହେଉଅଛି । ତୁମେମାନେ ମୋତେ ସେହି ନିଦର୍ଶନର ସହିତ ଚିହ୍ନିବାକୁ ଚେଷ୍ଟା କର ଯେଉଁ ନିଦର୍ଶନ ଅଲ୍ଲାଃତାଲା ପ୍ରିୟ ଏବଂ ତାହାଙ୍କ ସନ୍ଥମାନଙ୍କ ନିମନ୍ତେ ପବିତ୍ର କୁରଆନ୍ କରୀମରେ ନିର୍ଦ୍ଧାରିତ କରିଛିନ୍ତି । ସୁତରାଂ ନବୀ କରୀମ୍ ସ.ଅଙ୍କ ଚରିତ୍ର ପୂର୍ଣ୍ଣତ୍ୱତା ତଥା ବୈଶିଷ୍ଟ୍ୟତା ଏପର୍ଯ୍ୟନ୍ତ ରହିଛି ଯେ, ଯଦି କୌଣସି ବୃଦ୍ଧା ମହିଳା ଆପଣ ସ.ଅଙ୍କ ହାତ ଧରୁଥିଲା ସେତେବେଳେ ଆପଣ ସ.ଅ ଛିଡ଼ା ହୋଇ ଯାଉଥିଲେ ଏବଂ ତା'ର କଥାକୁ ଅତ୍ୟନ୍ତ ଧ୍ୟାନର ସହିତ ଶୁଣୁଥିଲେ । ଯେପର୍ଯ୍ୟନ୍ତ ସେହି ବୃଦ୍ଧା ମହିଳା ଆପଣ ସ.ଅଙ୍କୁ ନିଜେ ଛାଡ଼ି ଦେଉ ନଥିଲା ସେପର୍ଯ୍ୟନ୍ତ ଆପଣ ସ.ଅ ସେହି ବୃଦ୍ଧାକୁ ଛାଡୁ ନଥିଲେ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-188-189, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ଆଁହଜରତ୍ ସ.ଅଙ୍କ ବିନୀତତା ଏବଂ ସରଳତାର ଏହିପରି ଚର୍ଚ୍ଚା ମିଳେ ଯେ, ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ରୋଗୀର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଥିଲେ । ଯନାଜାଃ (ଅନ୍ତିମ ସଂସ୍କାର)କୁ ଆସୁଥିଲେ ଏବଂ ଗଧ ଉପରେ ଆରୋହଣ ହୋଇଯାଉଥିଲେ । ସାଧାରଣ ବାହାନ ବି ହେଉଥିଲା ତେବେ ଆପଣ ସେହି ବାହାନ ଉପରେ ଆରୋହଣ ହୋଇଯାଉଥିଲେ ଏବଂ ଦାସର ନିମନ୍ତ୍ରଣକୁ ସ୍ୱୀକାର କରୁଥିଲେ । ବନୁ କୁରୈଜାର ଦିନ ଆପଣ ଗଧ ଉପରେ ଆରୋହଣ ହେଉଥିଲେ । ଯେଉଁ ଗଧର ମଙ୍ଗ ଖଜୁରୀ କୋଳି ବୃକ୍ଷର ଛାଲରୁ ପ୍ରସ୍ତୁତ ଦଉଡ଼ି ହେଉଥିଲା । ସେହି ଗଧ ଉପରେ ଖଜୁରୀ କୋଳି ବୃକ୍ଷର ଛାଲର ପଲାଣ ଥିଲା । ଅର୍ଥାତ୍ ଅତି ସାଧାରଣ ପଲାଣ ଥିଲା । **(ଯାମେଉତ୍ ତର୍ମିଜି ଅବ୍‌ୱାବୁଲ୍ ଯନାଇଜି, ବାବ୍- ଶେଷ ଅଧ୍ୟାୟ, ହଦିସ୍ ସଂଖ୍ୟା-1017)**

ହୁଜୁର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଉସ୍‌ମାନ୍ ର.ଅ ଏକ ଖୁତ୍‌ବାରେ ବର୍ଣ୍ଣନା କରିଛନ୍ତି ଯେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ମୋତେ ଆଁହଜରତ୍ ସ.ଅଙ୍କ ସହିତ ଯାତ୍ରା କରିବା ଏବଂ ଅବସ୍ଥାନ କାଳରେ ଅର୍ଥାତ୍ ଘରେ ରହିବା (ଉପସ୍ଥିତି) ଅବସ୍ଥାରେ ସାହଚର୍ଯ୍ୟତ୍ୱ ପ୍ରାପ୍ତ ହୋଇଛି ହୁଜୁର୍ ଅ.ବ କହିଲେ, ଆପଣ ସ.ଅ ଆମମାନଙ୍କର ରୋଗୀ ତଥା ଅସୁସ୍ଥମାନଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଥିଲେ । ଆପଣ ସ.ଅ ପ୍ରତ୍ୟେକଟି ସ୍ଥାନରେ ଆମମାନଙ୍କ ସହିତ ରହିଥିଲେ । **(ମସନଦ୍ ଅହମଦ ବିନ୍ ହମ୍ବଲ୍, ପୃ-226, ହଦିସ୍-504, ଆଲିମୁଲ୍ କୁତୁବ୍-1998 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, ମୋତେ ଯଦି ଛେଳୀର ସମ୍ମୁଖ ଗୋଡ଼ର ମାଂସ କିମ୍ବା ଗୋଡ଼ ଆହାର ନିମନ୍ତେ ନିମନ୍ତ୍ରଣ ଦିଆଯାଏ ତେବେ ମୁଁ ସେହି ନିମନ୍ତ୍ରଣକୁ ଅବଶ୍ୟ ସ୍ୱୀକାରେ କରିବି । ସେହିପରି ମୋତେ ଯଦି ଛେଳୀର ସମ୍ମୁଖ ଗୋଡ଼ର ମାଂସ କିମ୍ବା ଗୋଡ଼ ଭେଟି ସ୍ୱରୂପ ଦିଆଯାଏ ତେବେ ମୁଁ ତାହାକୁ ଅବଶ୍ୟ ଗ୍ରହଣ କରିନେବି। ଅର୍ଥାତ୍ ସାଧାରଣ ବସ୍ତୁର ନିମନ୍ତ୍ରଣ ହେଉ ଅବା ଭେଟି ବା ଉପାହର ହେଉ ତାହାକୁ ମଧ୍ୟ ଆପଣ ସ.ଅ ସ୍ୱୀକାର କରୁଥିଲେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ହିବା, ବାବ୍- ଅଲ୍ କଲିଲୁ ମିନଲ୍ ହିବା, ଅନୁବାଦକ, ଗ୍ରନ୍ଥଖଣ୍ଡ-04, ପୃ-615, ବର୍ଣ୍ଣନା ସଂଖ୍ୟା- 2568, ପ୍ରକାଶକ-ନଜାରତ୍ ଇଶାଅତ୍)**

ହୁଜୁର୍ ଅ.ବ କହିଲେ, ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଦିନେ ନବୀ କରୀମ୍ ସ.ଅଙ୍କୁ ଯଅ ରୁଟି ଏବଂ ପୁରୁଣା ଚର୍ବିର ଆହାର ନିମନ୍ତେ ନିମନ୍ତ୍ରିତ କରାଗଲା ଏବଂ ଆପଣ ସ.ଅ ନିମନ୍ତ୍ରଣକୁ ସହାସ୍ୟର ସହିତ ସ୍ୱୀକାର କରିନେଲେ। **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-4, ପୃ-610-611, ବର୍ଣ୍ଣନା ସଂଖ୍ୟା- 13531, ଆଲିମୁଲ୍ କୁତୁବ୍, ବୈରୁତ୍-1998 ମସିହା)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ଆପଣ ସ.ଅଙ୍କ ସରଳ ଆହାରର ଏକ ଚର୍ଚ୍ଚା ମିଳେ। ଅତଏବ୍ ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଦିନେ ଏକ ଦରଜି ରସୁଲ୍ କରୀମ୍ ସ.ଅଙ୍କୁ ଖାଇବରେ ନିମନ୍ତ୍ରଣ ଦେଲା । ଅର୍ଥାତ୍ ସେ ଯେଉଁ ଆହାର ପ୍ରସ୍ତୁତ କରିଥିଲା ସେହି ପ୍ରସ୍ତୁତ ଆହରକୁ ଆୟୁଦ୍ଧ କରି ସେ ଆପଣ ସ.ଅଙ୍କୁ ନିମନ୍ତ୍ରଣ ଦେଲା। ହ. ଅନସ୍ ବିନ୍ ମାଲିକ୍ ର.ଅ କୁହନ୍ତି ଯେ, ମୁଁ ମଧ୍ୟ ରସୁଲୁଲ୍ଲାଃ ସ.ଅଙ୍କ ସହିତ ସେହି

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ନିମନ୍ତ୍ରଣରେ ଚାଲିଗଲି । ରସୁଲୁଲ୍ଲାଃ ସ.ଅଙ୍କ ସମ୍ମୁଖରେ ସେ ରୁଟି ଏବଂ ଝୋଳ (ସୁରୁଆ) ଉପସ୍ଥାପିତ କଲେ, ଯହିଁରେ କଖାରୁ ଖଣ୍ଡ ଏବଂ ମାଂସ ( ଟୁକୁରା) ଥିଲା । ତରକାରୀରେ କଖାରୁ ଏବଂ ମାଂସ ଥିଲା । ମୁଁ ନବୀ କରୀମ୍ ସ.ଅଙ୍କୁ ଦେଖିଲି ଯେ, ଆପଣ ସ.ଅ ପିଆଲା ଧରି ଆଖପାଖରୁ ଯେଉଁଠି କଖାରୁ ହେଉଥିଲା ନେଉଥିଲେ ଏବଂ ମାଂସକୁ ଛାଡ଼ି ଦେଉଥିଲେ । ହ. ଅନସ୍ ର.ଅ କହୁଥିଲେ ଯେ, ମୁଁ ସେହି ଦିନ ଠାରୁ କଖାରୁ ଖାଇବା ଆରମ୍ଭ କରିଦେଲେ ଏବଂ ମୁଁ କଖାରୁ ପସନ୍ଦ କରିବାକୁ ଲାଗିଲି। **(ସହିହୁଲ୍ ବୁଖାରୀ, କିତାବୁଲ୍ ବୁୟୁ, ବାବ୍- ଅଲ୍‌ଅଲ୍ ଖୟାତ୍, ବର୍ଣ୍ଣନା ସଂଖ୍ୟା-2092, ଅନୁବାଦକ, ଗ୍ରନ୍ଥଖଣ୍ଡ-04, ପୃ-58, ପ୍ରକାଶକ-ନଜାରତ୍ ଇଶାଅତ୍)**

ହୁଜୁର୍ ଅ.ବ କହିଲେ, ଏଠାରେ ମୁଁ ନିଜର ଅତିଥିମାନଙ୍କ ନିମନ୍ତେ ମଧ ଏକ କଥା କହିଦେବାକୁ ଚାହୁଁଛି । ଏହା ସେମାନଙ୍କର ନିମନ୍ତେ ଏକ ନୀତିଶିକ୍ଷା ଅଟେ । କାରଣ ଲଙ୍ଗର୍‌ରେ ଜଲସା ସାଲାନା ଦିନମାନଙ୍କରେ ବିଶେଷ କରି ବେଳେବେଳେ ଲୋକମାନେ ଆପତ୍ତି କରି ଦେଇଥାଆନ୍ତି ଯେ, ଆମକୁ ଆଳୁ ଗୋସ୍ (ମାଂସ)ରେ କେବଳ ଆଳୁ ପକାଇ ଦିଅନ୍ତୁ ନାହିଁ । ବରଂ କେବଳ ମାଂସ ହିଁ ପକାଇ ଦେଇ ଦିଅନ୍ତୁ। ଅତଏବ୍ ଆଁହଜରତ୍ ସ.ଅଙ୍କର ଏହି ଯେଉଁ ଆଦର୍ଶ ରହିଛି ତାହାକୁ ଆମେମାନଙ୍କୁ ସର୍ବଦା ନିଜ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ । ଅର୍ଥାତ୍ ଆହର ତ' ହିସାବରେ ହିଁ ରନ୍ଧା ହୋଇଥାଏ । ତେଣୁ ଯାହା ମିଳିଛୁ ତାହା ଖୁସି ଖୁସି ଖାଇନେବା ଉଚିତ୍ । ଅର୍ଥାତ୍ ଯାହା ଶାକ ସବଜି କିମ୍ବା ମାଂସ ମିଳୁଛି ତାହାକୁ ଖୁସିର ସହିତ ଖାଇନେବା ଉଚିତ୍ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଭାବାବେଗର ଧାନ ଏବଂ ବିନୀତତାର ଆଉ ଏକ ଉଦାହରଣ ଏହିପରି ମିଳେ । ଅର୍ଥାତ୍ ହ. ଯାବିର୍ ବିନ୍ ଅବ୍‌ଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଏକ କୁଷ୍ଠ ରୋଗ ଥିବା ବୃଦ୍ଧା ମହିଳାର ହାତ ଧରିଲେ ଏବଂ ତାକୁ ନିଜ ସହିତ ପିଆଲାରେ ସାମିଲ୍ କଲେ । ତତ୍ପରେ ଆପଣ ସ.ଅ କହିଲେ, ହେ ବୃଦ୍ଧା ମାତା ! ନିଅ ଏହି ଆହରକୁ ପ୍ରଭୁଙ୍କ ନାମ ଧରି ସେବନ କରିନିଅ। ଅର୍ଥାତ୍ ଅଲ୍ଲାଃତାଲାଙ୍କ ଉପରେ ଭରସା କରି ଓ ତାହାଙ୍କ ଉପରେ ବିଶ୍ୱାସ କରି ଉକ୍ତ ଆହାରକୁ ସେବନ କରିନିଅ । **(ଯାମିଉତ୍ ତିର୍ମିଜି, ଅବ୍‌ୱାବୁଲ୍ ଅତଇମତି, ବାବ୍- ମା ଯାଆ ଫିଲ୍ ଅକଲି ମାଆଲ୍ ମଯଜୁମି, ହଦିସ୍ ସଂଖ୍ୟା-1817)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ଉସ୍ୱାମା ବିନ୍ ଜୈଦ୍ ର.ଅ ବର୍ଣ୍ଣନା କଲେ ଯେ, ନବୀ କରୀମ୍ ସ.ଅ ଏକ ଗଧ ଉପରେ ଆରୋହଣ ହେଲେ । ସେହି ଗଧ ଉପରେ ଫଦକ୍ ନାମକ ଅଞ୍ଚଳର ନିର୍ମିତ ଏକ ଚଦର ଥିଲା ଏବଂ ଆପଣ ସ.ଅ ହ. ଉସ୍ୱାମା ବିନ୍ ଜୈଦ୍ ର.ଅଙ୍କୁ ନିଜ ପଛରେ ବସାଇଥିଲେ । ଅର୍ଥାତ୍ ଆଁହଜରତ୍ ସ.ଅ ଛୁଆଁ ଅଛୁଆଁ (ଅସ୍ପୃଶ୍ୟତା) ଭେଦଭାବ କରୁ ନଥିଲେ ଯେ, କିଏ ମୋ ପଛରେ ବସିଛି ଓ କିଏ ମୋ ପଛରେ ବସି ନାହିଁ । **(ସହିହୁଲ୍ ବୁଖାରୀ, କିତାବୁତ୍ ତଫ୍‌ସିରି, ବାବ-وَلَتَسْمَعُنَّ مِنَ الَّذِينَ أُوتُوا الْكِتَابَ...ଆଲେ ଇମ୍ରାନ୍:187, ହଦିସ୍ ନଂ-4566, ଅନୁବାଦକ, ଗ୍ରନ୍ଥଖଣ୍ଡ-10, ପୃ-156)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବ୍‌ଦୁଲ୍ଲାଃ ବିନ୍ ଅବବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କୁର୍ବାନୀ ଦିନ ଫଜଲ୍ ବିନ୍ ଅବ୍‌ବାସଙ୍କୁ ଓଟର ପିଠି ଉପରେ ନିଜ ପଛପଟେ ଆରୋହଣ କରିନେଲେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଇସ୍ତିଇଜାନି, ବାବ୍-قول الله تعالیٰ یاایها الذین امنوا لا تدخلوا بیوتا..., ହଦିସ୍ ନଂ-6228,ଗ୍ରନ୍ଥଖଣ୍ଡ-14,ପୃ-648)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ଅନସ୍ ର.ଅ ଆଉ ଏକ ସ୍ଥାନରେ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଆପଣ ସ.ଅ ପାବନ ଭୂମି ମକ୍କା ଠାରେ ପ୍ରବିଷ୍ଟ ହେଲେ ସେତେବେଳେ ଲୋକମାନେ ଆପଣ ସ.ଅଙ୍କ ଦର୍ଶନ ନିମନ୍ତେ ଆସିଲେ। ବିନୀତତା ଯୋଗୁଁ ଆପଣ ସ.ଅଙ୍କ ମୁଣ୍ଡ ପଲାଣକୁ ସ୍ପର୍ଶ କରୁଥିଲା । ସେହିପରି ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଆପଣ ସ.ଅ ଲୋକମାନଙ୍କ ମଧ୍ୟରେ ଥିଲେ । ବିଜୟ ଏବଂ ମୁସଲମାନମାନଙ୍କର ସଂଖ୍ୟା ଗରିଷ୍ଠତାକୁ ଦେଖି ଆପଣ ସ.ଅଙ୍କ ପବିତ୍ର କେଶ ବିନୀତତା ଯୋଗୁଁ ପଲାଣକୁ ସ୍ପର୍ଶ କରୁଥିଲା କିମ୍ବା ପଲାଣ ନିକଟବର୍ତ୍ତୀ ଥିଲା ଯେ, ଛୁଇଁନେବ । ଆପଣ ସ.ଅ କହିଲେ, اَللّٰهُمَّ اِنَّ الْعَيْشَ عَيْشُ الْاٰخِرَةِ ଅର୍ଥାତ୍ ହେ ଅଲ୍ଲାଃ! ନିଃସନ୍ଦେହ ରୂପେ ପ୍ରକୃତ ଜୀବନ ତ' ଶେଷ ଦିବସର (ପରକାଳର) ଜୀବନ ଅଟେ। **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ଗ୍ରନ୍ଥଖଣ୍ଡ-5 ପୃ-226)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ନ୍ୟାୟବିଚାର, ମୀମାଂସା, ବିନୀତତା ଓ ବିନମ୍ରତାର ଏକ ପକ୍ଷ ଏହା ମଧ ଥିଲା ଯେ, ଆପଣ ସ.ଅ ନିଜ ପଛରେ ସ୍ୱାଧୀନ ପ୍ରାପ୍ତ ଦାସ ଜୈଦ୍ ବିନ୍ ହାରସା ର.ଅଙ୍କ ସପୁତ୍ର ହ. ଉସ୍ୱାମା ର.ଅଙ୍କୁ ବସାଇଥିଲେ ହୁଜୁର୍ ଅ.ବ କହିଲେ, କିନ୍ତୁ କୁରୈଶ୍‌ମାନଙ୍କର ଅଧିପତି ଏବଂ ବନୁ ହାଶିମ୍ ସଂପ୍ରଦାର ପୁତ୍ରମାନେ ମଧ ଉପସ୍ଥିତ ଥିଲେ । **(ଶରହୁଜ୍ ଜର୍କାନୀ, ଗ୍ରନ୍ଥଖଣ୍ଡ-3, ପୃ-414, ଦାରୁଲ୍ କୁତୁବୁଲ୍ ଇଲମିୟାହ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏହି ଯେଉଁ ଉଚ୍ଚ ମର୍ଯ୍ୟାଦା ଅଲ୍ଲାଃତାଲାଙ୍କର ବିଶେଷ ଭକ୍ତମାନଙ୍କୁ ପ୍ରଦାନ କରାଯାଇଥାଏ ତାହା ବିନୀତତା ରୂପରେ ହୋଇଥାଏ ଏବଂ ସଇତାନର ଉଚ୍ଚ ମର୍ଯ୍ୟାଦା ଅହଂକାର ସହିତ ମିଶିଥିଲା । ଅର୍ଥାତ୍ ତହିଁରେ (ସଇତାନ୍) ମଧ୍ୟରେ ଅହଂକାର ହୋଇଥାଏ । ଦେଖ ! ଆମର ପ୍ରିୟ ମୁନିବ ସ.ଅ ଯେତେବେଳେ ମକ୍କାକୁ ଜୟକଲେ ସେତେବେଳେ ଆପଣ ସ.ଅ ଏହିପରି ନିଜର ମୁଣ୍ଡକୁ ନୁଆଁନେଲେ ଏବଂ ଏପରି ସିଜଦା କଲେ ଯେପରି ଆପଣ ସ.ଅ ବିପତ୍ତି ଏବଂ ସମସ୍ୟା ଦିନମାନଙ୍କର ମୁଣ୍ଡ ନୁଆଁଉଥିଲେ ଏବଂ ସିଜ୍‌ଦା କରୁଥିଲେ । ସେହି ମକ୍କାରେ ଆପଣ ସ.ଅଙ୍କୁ ନାନା ପ୍ରକାରର ବିରୋଧର ସମ୍ମୁଖୀନ ହେବାକୁ ପଡୁଥିଲା ଏବଂ ଆପଣ ସ.ଅଙ୍କୁ ନାନା ନିର୍ଯାତନା ଓ କଷ୍ଟ ଦିଆଯାଉଥିଲା ସେତେବେଳେ ମଧ ଆପଣ ସ.ଅ ଅଲ୍ଲାଃତାଲାଙ୍କ ସମ୍ମୁଖରେ ମୁଣ୍ଡ ନୁଆଁଥିଲେ ଏବଂ ସିଜ୍‌ଦା ମଧ କରୁଥିଲେ। ଯେତେବେଳେ ଆପଣ ସ.ଅ ଅବଲୋକନ କଲେ ଯେ, ମୁଁ କେଉଁ ଅବସ୍ଥାରେ ଏଠାରୁ ଅର୍ଥାତ୍ ମକ୍କାରୁ ଯାଇଥିଲି ଏବଂ କେଉଁ ଅବସ୍ଥାରେ ବର୍ତ୍ତମାନ ଏଠାକୁ ଫେରିଛି, ସେତେବେଳେ ଆପଣ ସ.ଅଙ୍କ ହୃଦୟ ଈଶ୍ୱରଙ୍କ କୃତଜ୍ଞତା ଦ୍ୱାରା ପରିପୂର୍ଣ୍ଣ ହୋଇଗଲା ଏବଂ ଆପଣ ସ.ଅ କୃତଜ୍ଞତା ସ୍ୱରୂପ ଓ ବିନୀତତାପୂର୍ବକ ଅଲ୍ଲାଃତାଲାଙ୍କ ସମ୍ମୁଖରେ ସିଜ୍‌ଦା କଲେ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-3, ପୃ-260, ସଂସ୍କରଣ ବର୍ଷ 2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ହ. ଅବ୍‌ଦୁଲ୍ଲାଃ ଇବ୍‌ନେ ମସ୍‌ଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ବଦର୍ ଯୁଦ୍ଧ ଦିନ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ତିନିଜଣ ବ୍ୟକ୍ତିଙ୍କ ନିମନ୍ତେ ଏକ ଓଟ ଧାର୍ଯ୍ୟ (ସ୍ଥିର) ହୋଇଥିଲା । ହ. ଅବୁ ଲୁବାବ୍ ର.ଅ ଏବଂ ହ. ଅଲୀ ର.ଅ ନବୀ କରୀମ୍ ସ.ଅଙ୍କ ସାଥିରେ ଥିଲେ । ଯେତେବେଳେ ପାଦରେ ଚାଲିବାକୁ ନବୀ କରୀମ୍ ସ.ଅଙ୍କ ପାଳି ପଡ଼ିଲା ସେତେବେଳେ ଏମାନେ ଦୁହେଁ ଅର୍ଥାତ୍ ଅବୁ ଲୁବାବା ଓ ହ. ଅଲୀ ର.ଅ କହିବାକୁ ଲାଗିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଆପଣ ସ.ଅଙ୍କ ସକାଶେ ପାଦରେ ଚାଲୁଛୁ ଆପଣ ବାହାନ ଉପରେ ସେହିପରି ଆରୋହଣ ହୋଇଥାଆନ୍ତୁ । ନବୀ କରୀମ୍ ସ.ଅ କହିଲେ, ହେ ଅଲୀ ଓ ଲୁବାବା ! ତୁମେମାନେ ପାଦର ଚାଲିବାକୁ ମୋ ତୁଳନାରେ ସକ୍ଷମ ନୁହଁ ଓ ନା ହିଁ ମୁଁ ତୁମମାନଙ୍କ ଠାରୁ ଉତ୍ତମ ପ୍ରତିଫଳ ପ୍ରସଙ୍ଗରେ ନିରପେକ୍ଷ ଓ ସ୍ୱାବଲମ୍ବୀ ଅଟେ । **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-2, ପୃ-116-117, ମସନଦ୍ ମସ୍‌ଉଦ୍, ବର୍ଣ୍ଣନା ସଂଖ୍ୟା- 4009, ଆଲିମୁଲ୍ କୁତୁବ୍, ବୈରୁତ୍-1998 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ବର୍ଣ୍ଣନା ରହିଛି । ଆଁହଜରତ୍ ସ.ଅ ନିଜର ସାଥିମାନଙ୍କ ସହିତ ଯାତ୍ରା କରୁଥିଲେ । ଆପଣ ସ.ଅ ଏକ ଛେଳୀ ମାଂସ ସେବନ କରିବା ନିମନ୍ତେ ସାହାବାମାନଙ୍କୁ ଆଦେଶ ଦେଲେ । ଜଣେ ବ୍ୟକ୍ତି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଛେଳୀକୁ ଜେବହ୍ କରିବାର ଦାୟିତ୍ୱ ମୋର ଅଟେ । ମୁଁ ଛେଳୀ ଜେବହ୍ କରିବି । ଦ୍ୱିତୀୟ ବ୍ୟକ୍ତି ଜଣକ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଛେଳୀର ଚମଡ଼ା ଛଡ଼ାଇବାର ଦାୟତ୍ୱ ମୁଁ ନେଉଛି । ଆଉ ଜଣେ ବ୍ୟକ୍ତି କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେହି ଛେଳୀର ମାଂସ ରାନ୍ଧିବାର ଦାୟିତ୍ୱ ମୁଁ ନେଉଛି । ପ୍ରତ୍ୟୁତ୍ତରରେ ଆଁହଜରତ୍ ସ.ଅ କହିଲେ, ଆଉ ଇନ୍ଧନ ଅର୍ଥାତ୍ ଜାଳେଣୀ ଏକତ୍ରିତ କରିବା ମୋର ଦାୟିତ୍ୱ ଅଟେ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଆପଣ ସ.ଅଙ୍କ ସକାଶେ ଯଥେଷ୍ଟ ଅଟୁ । ଆପଣ ସ.ଅ କହିଲେ, ମୁଁ ଜାଣିଛି ଯେ, ତୁମେମାନେ ମୋ ନିମନ୍ତେ ଯଥେଷ୍ଟ ଅଟ । କିନ୍ତୁ ମୁଁ ଏହା ଚାହୁଁ ନାହିଁ ଯେ, ମୁଁ ତୁମମାନଙ୍କ ମଧ୍ୟରେ ଅନନ୍ୟ ରହିବି । କାରଣ ଅଲ୍ଲାଃତାଲା ନିଜର ଭକ୍ତକୁ ନାପସନ୍ଦ କରନ୍ତି ଯେ, ସେ ନିଜର ସାଥିମାନଙ୍କ ମଧ୍ୟରେ ଅନନ୍ୟ ଦୃଶ୍ୟମାନ ହେଉ (ଅଲଗା ଦେଖାଯାଉ) । ପୁନଶ୍ଚ ଆପଣ ସ.ଅ ଉଠିଲେ ଏବଂ ଇନ୍ଧନ ଏକତ୍ରିତ କରିବାକୁ ଲାଗିଲେ । **(ତାରିଖୁଲ୍ ଖମିସ୍, ଗ୍ରନ୍ଥଖଣ୍ଡ-1, ପୃ-387-388, ଦାରୁଲ୍ କୁତୁବୁଲ୍ ଇଲମିୟାହ୍-2009 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏପରି କୌଣସି ସୁଯୋଗ ନଥିଲା ଯେଉଁଠି ଆପଣ ସ.ଅ ନିଜର ବିନୀତତାର ଅନନ୍ୟ ପରିପ୍ରକାଶ କରି ନାହାନ୍ତି । ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଅସ୍‌ୱଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ହ. ଆଏଶା ର.ଅଙ୍କୁ ପଚାରିଲେ ଯେ, ନବୀ କରୀମ୍ ସ.ଅ ନିଜ ଘରେ କ'ଣ କ'ଣ କାମ କରୁଥିଲେ ? ସେ ଅର୍ଥାତ୍ ହ. ଆଏଶା ର.ଅ ପ୍ରତ୍ୟୁତ୍ତରରେ କହିଲେ, ଆପଣ ସ.ଅ ନିଜ ଘରର କାମ ଦାମରେ ପରିବର ସଦସ୍ୟଙ୍କୁ ସାହାଯ୍ୟ କରୁଥିଲେ ? ଯେତେବେଳେ ନମାଜ୍‌ର ସମୟ ହେଉଥିଲା ସେତେବେଳେ ଆପଣ ସ.ଅ ନମାଜ୍ ନିମନ୍ତେ ଯାଉଥିଲେ । **(ସହିହୁଲ୍**

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି: وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ**

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

**ତାଲିବେ ଦୁଆ:** Akhtara Begum & Family,
B.D.A, Bhubaneshwar (Odisha)

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି: وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ**

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

**ତାଲିବେ ଦୁଆ:**Shamim Ahmad, S/o- Late Sk Abdul Gaffar &
Jamila Sahiba, Jamat Ahmadiya Kotpalla (Odisha)

**ବୁଖାରୀ, କିତାବୁଲ୍ ଅଜାନ୍, ବାବ୍- ମନ୍ କାନା ଫି ହାଜତିହି ଅହ୍‌ଲିହି......, ଅନୁବାଦକ, ଗ୍ରନ୍ଥଖଣ୍ଡ-02, ପୃ-73, ବର୍ଣ୍ଣନା ସଂଖ୍ୟା-676, ପ୍ରକାଶକ-ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହା ସେହି ପୁରୁଷମାନଙ୍କ ନିମନ୍ତେ ମଧ୍ୟ ଏକ ନୀତିଶିକ୍ଷା ଅଟେ ଯେଉଁମାନେ ଘରର କାମଦାମ କରିବାକୁ ସଂପୂର୍ଣ୍ଣ ରୂପେ ଅସ୍ୱୀକାର କରି ଦିଅନ୍ତି ଏବଂ ସ୍ୱାମୀମାନେ ମଧ୍ୟ ଏଥି ସଂକ୍ରାନ୍ତରେ ଅଭିଯୋଗ କରିଥାଆନ୍ତି ଏବଂ ସେମାନଙ୍କୁ ଅଭିଯୋଗ କରିବାର ସୁଯୋଗ ମିଳିଥାଏ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ହିଶ୍ଶାମ୍ ବିନ୍ ଉର୍‌ୱା ନିଜର ପିତାଶ୍ରୀଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଜଣେ ବ୍ୟକ୍ତି ହ. ଆଏଶା ର.ଅଙ୍କୁ ପଚାରିଲା ଯେ, ହେ ଉମ୍ମୁଲ୍ ମୁମିନିନ୍ ! ଆଁହଜରତ୍ ସ.ଅ ନିଜ ଘରେ କୌଣସି କାମଦାମ କରୁଥିଲେ ଅବା ନୁହଁ ? ପ୍ରତ୍ୟୁତ୍ତରରେ ହ. ଆଏଶା ର.ଅ କହିଲେ, ହେ ହିଶ୍ଶାମ୍ ! ହଁ ରସୁଲୁଲ୍ଲାଃ ସ.ଅ ନିଜର ଜୋତା ମରାମତି (ସିଲେଇ) କରି ନେଉଥିଲେ ନିଜର କପଡ଼ା ସିଲେଇ କରି ନେଉଥିଲେ ଓ ନିଜ ଘରେ ଏପରି କାମଦାମ କରୁଥିଲେ ଯେପରିକି ତୁମମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ନିଜ ଘରେ କାମ କରିଥାଏ । **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-8, ପୃ-313, ମସନଦ୍ ଆଏଶା, ହଦିସ୍ ସଂଖ୍ୟା- 25855, ଆଲିମୁଲ୍ କୁତୁବ୍, ବୈରୁତ୍-1998 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତହିଁରୁ ଏହା ସ୍ୱଷ୍ଟ ହୋଇଗଲା ଯେ, ସାହାବାମାନେ ମଧ୍ୟ ଆପଣ ସ.ଅଙ୍କର ଆଦେଶକୁ ଦେଖି ନିଜ ଘର କାମରେ ନିଜର ପତ୍ନିମାନଙ୍କୁ ସାହାଯ୍ୟ କରୁଥିଲେ । କିନ୍ତୁ ଏହା ମଧ୍ୟ ସ୍ୱଷ୍ଟ ହେଉ ଯେ, ଘର କାମର ପ୍ରକୃତ ଦାୟିତ୍ୱ ପତ୍ନିମାନଙ୍କର ଅଟେ ଏବଂ ଏକଥା ଶୁଣି ଏହା ବୁଝନ୍ତୁ ନାହିଁ ଯେ, ସେମାନେ ଅର୍ଥାତ୍ ମହିଳାମାନେ (ପତ୍ନିମାନେ) ନିଜ ଦାୟିତ୍ୱରୁ ଦାୟିତ୍ୱ ମୁକ୍ତ ହୋଇଗଲେ । କିନ୍ତୁ ପୁରୁଷ (ସ୍ୱାମୀ)ମାନଙ୍କର ମଧ୍ୟ ଏହି ଦାୟିତ୍ୱ ରହିଛି ଯେ, ସେମାନେ ଘରର କାର୍ଯ୍ୟରେ ନିଜ ପତ୍ନିମାନଙ୍କୁ ଅବଶ୍ୟ ସାହାଯ୍ୟ ଓ ସହଯୋଗ କରନ୍ତୁ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ବର୍ଣ୍ଣନାରେ କାସିମ୍ ବର୍ଣ୍ଣନା କରିଛନ୍ତି । ସେ ବର୍ଣ୍ଣନା କରନ୍ତି ଯେ, ହ. ଆଏଶା ର.ଅଙ୍କୁ ପଚରାଗଲା ଯେ, ହେ ଉମ୍ମୁଲ୍ ମୁମିନିନ୍ ! ରସୁଲୁଲ୍ଲାଃ ସ.ଅ ନିଜ ଘରେ କେଉଁ କାର୍ଯ୍ୟ କରୁଥିଲେ ? ତେବେ ସେ କହିଲେ, ଆପଣ ସ.ଅ ମନୁଷ୍ୟମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଥିଲେ । ଆପଣ ସ.ଅ ନିଜର ଲୁଗା ପଟା ନିଜେ ସଫା କରୁଥିଲେ ଏବଂ ନିଜର ଛେଳୀମାନଙ୍କର କ୍ଷୀର ନିଜେ ଦୁହୁଥିଲେ ଓ ନିଜର କାମ ନିଜେ ସମ୍ପାଦନ କରୁଥିଲେ । **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-8, ପୃ-507, ମସନଦ୍ ଆଏଶା, ବର୍ଣ୍ଣନା ସଂଖ୍ୟା- 26724, ଆଲିମୁଲ୍ କୁତୁବ୍, ବୈରୁତ୍-1998 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଏକ ବର୍ଣ୍ଣନାରେ ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆପଣ ସ.ଅ ଉଲର ବସ୍ତ୍ର ପରିଧାନ କରୁଥିଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ବର୍ଣ୍ଣନାରେ କାସିମ୍ ବର୍ଣ୍ଣନା କରିଛନ୍ତି । ଆପଣ ସ.ଅ ପାଳିତ ଜୀବମାନଙ୍କୁ ବାନ୍ଧି ଦେଉଥିଲେ ଏବଂ ଅତିଥିମାନଙ୍କର ଖବର ପଚାରି ବୁଝିବା ନିମନ୍ତେ ସ୍ୱୟଂ ଯାଉଥିଲେ । ଅତିଥିମାନଙ୍କର ଅତିଥି ସେବା ସ୍ୱୟଂ କରୁଥିଲେ ଓ ପ୍ରତ୍ୟେକ ପ୍ରକାରର ବସ୍ତ୍ର ସେ ପଛେ ମୋଟା ହେଉ ଅବା ଖଦଡ଼ିଆ ପ୍ରକାରର ତାହାକୁ ଆପଣ ସ.ଅ ପିନ୍ଧି ନେଉଥିଲେ । କୌଣସି ପ୍ରକାରର ଅଭିଯୋଗ ନଥିଲା । ଆପଣ ସ.ଅଙ୍କ ପରିଧାନ ଏବଂ ବେଶ ପୋଷାକ ଅତ୍ୟନ୍ତ ସରଳ ଥିଲା। **(ଦଲାଇଲୁନ୍ ନୁବୁୱାହ୍ ଲିଲ୍ ବହିକି, ଗ୍ରନ୍ଥଖଣ୍ଡ-1, ପୃ-329, ଦାରୁଲ୍ କୁତୁବୁଲ୍ ଇଲମିୟାହ୍-1988)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଆମିର୍ ବିନ୍ ରବିୟଇୟାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ବ୍ୟକ୍ତି କହିଲା, ମୁଁ ନବୀ କରୀମ୍ ସ.ଅଙ୍କ ସହିତ ମସ୍‌ଜିଦ୍ ଆଡ଼କୁ ବାହାରିଲି ହୁଜୁର୍ ଅ.ବ କହିଲେ, ଇତି ମଧ୍ୟରେ ଆପଣ ସ.ଅ ଜୋତାର ଫିତା ଛିଣ୍ଡିଗଲା। ତେବେ ମୁଁ ଆପଣ ସ.ଅଙ୍କ ଜୋତାକୁ ଧରି ତାହାକୁ ଠିକ୍ (ସଜାଡ଼ିବାକୁ) କରିବାକୁ ଲାଗିଲି। ଆପଣ ସ.ଅ ମୋ ହତାରୁ ସେହି ଜୋତା ନେଇନେଲେ ଏବଂ କହିଲେ, ଏହା ଅଗ୍ରାଧିକାର ମୂଳକ ଆଚରଣ ଅଟେ । ମୁଁ ଅଗ୍ରାଧିକାରମୂଳକ ବ୍ୟବହାରକୁ ପସନ୍ଦ କରୁ ନାହିଁ । **(ମଜ୍‌ମଉଜ୍ ଜୱାଇଦି ଓ ମମ୍ବଉଲ୍ ଫୱାଇଦି ଲିଲ୍ ହୈସ୍‌ମା, ଗ୍ରନ୍ଥଖଣ୍ଡ-8, ପୃ-422, କିତାବୁନ୍ ନୁବୁୱାହ୍, ବାବ୍- ଫିଦ୍ ତୱାଜିଇ ସ.ଅ, ବର୍ଣ୍ଣନା ସଂଖ୍ୟା-14232, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 2000 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହସ୍‌ନା ବିନ୍ କାଲିଦ୍ ଓ ସୁୱାଆ ବିନ୍ ଖାଲିଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେମାନେ ଦୁହେଁ ଯେତେବେଳେ ନବୀ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ସେତେବେଳେ ନବୀ କରୀମ୍ ସ.ଅ କୌଣସି କାନ୍ଥ କିମ୍ବା ନିଜର କୌଣସି ବାସ ଭବନର କାନ୍ଥର ମରାମତି କାମରେ ବ୍ୟସ୍ତ ଥିଲେ । ଅର୍ଥାତ୍ ନିଜ ହାତରେ ନିଜ ଘରର କାମ କରୁଥିଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-7, ପୃ-36, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ସହି ବୁଖାରୀରେ ମସ୍‌ଜିଦେ ନବୱୀ ନିର୍ମାଣର ସବିଶେଷ ବିବରଣୀ ରହିଛି । ଅର୍ଥାତ୍ ଯେତେବେଳେ ନବୀ କରୀମ୍ ସ.ଅଙ୍କ ଓଟ ସେଠାରେ ଯାଇ ଅଟକିଗଲା ଯେଉଁଠି ଦୁଇଜଣ ବାଳକମାନଙ୍କର ଜମି ଥିଲା । ତେବେ ଆପଣ ସ.ଅ କହିଲେ, ଏହି ସ୍ଥାନଟି ଆମମାନଙ୍କ ନିମନ୍ତେ ଉଚିତ୍ ଅଟେ । ପୁନଶ୍ଚ ଆପଣ ସ.ଅ ସେହି ବାଳକମାନଙ୍କୁ ସେହି ଜମିର ମୂଲ୍ୟ ପୈଠ କରିଦେଲେ। ସେହି ବାଳକମାନେ ମୂଲ୍ୟ ନେବାକୁ ମନା କରୁଥିଲେ । କିନ୍ତୁ ନବୀ କରୀମ୍ ସ.ଅ ସେମାନଙ୍କୁ ମନା କରିବା ସତ୍ତ୍ୱେ ମଧ୍ୟ ଆପଣ ସ.ଅ ସେହି ଜମିର ମୂଲ୍ୟ ପୈଠ କରିଦେଲେ । ପୁନଶ୍ଚ ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ଯେତେବେଳେ ଆରମ୍ଭ ହେଲା ସେତେବେଳେ ଆପଣ ସ.ଅ ଲୋକମାନଙ୍କ ସହିତ ମିଶିଗଲେ ଏବଂ ଇଟା ବୋହିବାକୁ ଲାଗିଲେ । ମସ୍‌ଜିଦର ଯେଉଁ କାମ ରହିଥିଲା ସେହି କାମରେ ମଧ୍ୟ ଆପଣ ସ.ଅ ଭାଗ ନେଲେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ମନାକିବିଲ୍ ଅନସାରି, ବାବ୍- ହିଜ୍‌ରତୁନ୍ ନବୀ ସ.ଅ ଓ ଅସ୍‌ହାବୁହୁ ଇଲଲ୍ ମଦିନତି, ଗ୍ରନ୍ଥଖଣ୍ଡ-07, ପୃ- 401, ବର୍ଣ୍ଣନା ସଂଖ୍ୟା-3906, ପ୍ରକାଶକ-ନଜାରତ୍ ଇଶାଅତ୍)**

ହୁଜୁର୍ ଅ.ବ କହିଲେ, ସେହପରି ହ. ବରାଅ ବିନ୍ ଆଜିବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ଖନ୍ଦକ୍ ଦିନ ଦେଖିଥିଲି । ଆପଣ ସ.ଅ ମାଟି ଉଠାଉଥିଲେ। ଅବସ୍ଥା ଏପରି ହୋଇଯାଇଥିଲା ଯେ, ମାଟି ଆପଣ ସ.ଅଙ୍କ ଛାତିର କେଶକୁ ଲୁଚାଇ ଦେଇଥିଲା । **(ସହିହୁଲ୍ ବୁଖାରୀ, କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍- ଅର୍ ରିୟଜୁ ଫିଲ୍ ହର୍ବି, ଗ୍ରନ୍ଥଖଣ୍ଡ-05, ପୃ- 378-379, ବର୍ଣ୍ଣନା ସଂଖ୍ୟା-3034, ପ୍ରକାଶକ-ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ହସନ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ସକାଳେ ଅବ୍‌ଦୁଲ୍ଲାଃ ବିନ୍ ଅବି ତଲହାଙ୍କୁ ନବୀ କରୀମ୍ ସ.ଅଙ୍କ ପାଖକୁ ନେଇଗଲି ଯେ, ଆପଣ ସ.ଅ ତାକୁ ଘୋଟି ପିଆଇ ଦିଅନ୍ତୁ । ଘୋଟି କହିଲେ, ପିଲା ଯେତେବେଳେ ଜନ୍ମଗ୍ରହଣ ହୁଏ ସେତେବେଳେ ପ୍ରାରମ୍ଭରେ ମହୁର ଘୋଟି ପିଲାକୁ ଚଟାଇ ଦିଅନ୍ତି । ତେଣୁ ହ. ଅନସ୍ ବିନ୍ ମାଲିକ୍ ର.ଅ କହିଲେ, ମୁଁ ଯେତେବେଳେ ଆଁହଜରତ୍ ସ.ଅଙ୍କ ପାଖକୁ ଅବ୍‌ଦୁଲ୍ଲାଃ ବିନ୍ ଅବି ତଲହାଙ୍କୁ ଘୋଟି ଚଟାଇବି ନିମନ୍ତେ ନେଇକି ଗଲି ସେତେବେଳେ ଆପଣ ସ.ଅ ସେହି ନବଜାତ ଶିଶୁକୁ ଘୋଟି ଚଟାଇଦେଲେ । ହ. ଅନସ୍ ର.ଅ କହିଲେ, ମୁଁ ଆପଣ ସ.ଅଙ୍କୁ ଦେଖିଲି ଯେ, ଆପଣ ସ.ଅ ସେତେବେଳେ କାମ କରୁଥିଲେ । ଆପଣ ସ.ଅଙ୍କ ହାତରେ ଦାଗ ଲଗାଇଥିବା ଏକ ଯନ୍ତ୍ର ରହିଥିଲା ଯେଉଁ ଯନ୍ତ୍ର ସାହାଯ୍ୟରେ ଜୀବମାନଙ୍କୁ ଦାଗ ଦିଆଯାଇଥାଏ । କାରଣ ସଂଖ୍ୟା ଲାଗିଯାଉ ଏବଂ ଆପଣ ସ.ଅ ସଦ୍‌କାର ଓଟମାନଙ୍କୁ ଦାଗ (ଚିହ୍ନ) ଲଗାଉଥିଲେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଜକାତ୍, ବାବ୍- ୱସ୍‌ମୁଲ୍ ଇମାମୁ ଅହଲୁସ୍ ସଦକତା....., ଅନୁବାଦକ, ଗ୍ରନ୍ଥଖଣ୍ଡ-03, ପୃ-154, ବର୍ଣ୍ଣନା ସଂଖ୍ୟା-1502, ପ୍ରକାଶକ-ନଜାରତ୍ ଇଶାଅତ୍)**

ହୁଜୁର୍ ଅ.ବ କହିଲେ, ସେହିପରି ଆଉ ଏକ ବର୍ଣ୍ଣନା ରହିଛି । ହ. ଅବୁ ଉମାମା ଅଲ୍ ବାହିଲି ର.ଅ ବର୍ଣ୍ଣନା କରନ୍ତି । ରସୁଲୁଲ୍ଲାଃ ସ.ଅ ଆମ ପାଖକୁ ଆସିଲେ । ଆପଣ ସ.ଅ ଆଶାବାଡ଼ିର ସାହାଯ୍ୟ ନେଇଥିଲେ । ଆମେମାନେ ଯେତେବେଳେ ଆପଣ ସ.ଅଙ୍କୁ ଦେଖିଲୁ ସେତେବେଳେ ଆମେମାନେ ଛିଡ଼ା ହୋଇ ପଡ଼ିଲୁ । ଫଳତଃ ରସୁଲୁଲ୍ଲାଃ ସ.ଅ କହିଲେ, ହେ ଲୋକମାନେ ! ଯେପରି ପାରସ୍ୟ ଲୋକମାନେ ନିଜର ଗୁରୁଜନମାନଙ୍କ ନିମନ୍ତେ କରୁଥିଲେ ସେପରି ତୁମେମାନେ କର ନାହିଁ । ଆମେମାନେ କହିଲୁ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଆମମାନଙ୍କ ନିମନ୍ତେ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରନ୍ତୁ । ଆପଣ ସ.ଅ କହିଲେ: " اَللّٰھُمَّ اغْفِرْلَنَا وَارْحَمْنَا وَارْضَ عَنَّا وَتَقَبَّلْ مِنَّا وَاَدْخِلْنَا الْجَنَّةَ وَنَجِّنَا مِنَ النَّارِ وَاَصْلِحْ لَنَا شَأْنَنَا كُلَّهٗ ଅର୍ଥାତ୍ ହେ ଅଲ୍ଲାଃ ତୁମ୍ଭେ ଆମ୍ଭମାନଙ୍କୁ କ୍ଷମା କରିଦିଅ, ଆମମାନଙ୍କ ଉପରେ ଦୟାବତୀର୍ଣ୍ଣ କର, ଆମ୍ଭମାନଙ୍କ ଉପରେ ପ୍ରସନ୍ନ ହୋଇଯାଅ, ଆମ୍ଭମାନଙ୍କର ପ୍ରାର୍ଥନାକୁ ସ୍ୱୀକାର କର, ଆମମାନଙ୍କୁ ବୈକୁଣ୍ଠ ପୁରରେ ପ୍ରବିଷ୍ଟ କରାଅ, ଆମମାନଙ୍କୁ ନର୍କାଗ୍ନିରୁ ରକ୍ଷା କର ଓ ଆମମାନଙ୍କର ସବୁ କାମ ଠିକ୍ କରିଦିଅ । ବର୍ଣ୍ଣନାକାରୀ ଯେତେବେଳେ କହିଲେ ସେତେବେଳେ ଆମେମାନେ ଏହା ପସନ୍ଦ କଲୁ ଯେ, ଆପଣ ସ.ଅ ଆମମାନଙ୍କୁ ଆହୁରି ଅଧିକ ଆଶୀର୍ବାଦ କରିବେ । ଆପଣ ସ.ଅ କହିଲେ, ହେ ସାହାବାମାନେ ! କ'ଣ ମୁଁ ତୁମମାନଙ୍କ ନିମନ୍ତେ ସମସ୍ତ ପ୍ରସଙ୍ଗକୁ ଏକତ୍ରିତ କରି ଦେଇ ନାହିଁ ? ଅର୍ଥାତ୍ ସକଳ ଦୁଆ ଅଛି ଏହି ଦୁଆକୁ ସବୁବେଳେ କର ।" **(ସୁନନ୍ ଇବ୍‌ନେ ମାଜା, କିତାବୁଦ୍ ଦୁଆ, ବାବୁଦ୍ ଦୁଆଇ ରସୁଲୁଲ୍ଲାଃ ସ.ଅ, ବର୍ଣ୍ଣନା ସଂଖ୍ୟା-3839)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଆପଣ ସ.ଅଙ୍କ ବିନୀତତାର ଏହି ଅବସ୍ଥା ଥିଲା ଯେ, ଆପଣ ସ.ଅ ନିଜର ଆଗମନ ସମୟରେ ସାହାବାମାନଙ୍କୁ ଛିଡ଼ା ହେବାକୁ ମନା କରୁଥିଲେ ଏବଂ କହୁଥିଲେ ଯେ, ଏହା ଇରାନୀୟମାନଙ୍କର ପ୍ରଥା ଅଟେ ଯେ, ଗୁରୁଜନମାନଙ୍କ ଆଗମନ ସମୟରେ ଛୋଟମାନେ ଛିଡ଼ା ହୋଇଯାଉଥିଲେ । ସୁତରାଂ ଆପଣ ସ.ଅ କହିଲେ, ହେ ସାହାବାମାନେ ! ମୁଁ ସମ୍ରାଟ୍ ନୁହେଁ ବରଂ ମୁଁ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ଅଟେ । ଅଲ୍ଲାଃତାଲା ମୋତେ ଅବତାର କରିଛନ୍ତି ।"

**(ତଫସିର୍ କବିର୍, ଗ୍ରନ୍ଥଖଣ୍ଡ-15, ପୃ-157, ସଂସ୍କରଣ ବର୍ଷ-2023 ମସିହା)**

ହୁଜୁର୍ ଅ.ବ କହିଲେ, ଅତଏବ୍ ଆପଣ ସ.ଅଙ୍କ ବିନୀତତାର ସେହି ସ୍ତର ଥିଲା ଯେ,ତାହାର ଦୃଷ୍ଟାନ୍ତ ତଥା ଉଦାହରଣ ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ । ଏହା ହିଁ ସେହି ସର୍ବୋଚ୍ଚ ଆଦର୍ଶ ଯେଉଁ ଆଦର୍ଶ ଉପରେ ପରିଚାଳିତ ହେବା ନିମନ୍ତେ ଆମମାନଙ୍କୁ ଉଦ୍ୟମ କରିବା ଉଚିତ୍ । କାରଣ ଆମେମାନେ ମଧ୍ୟ ଅଲ୍ଲାଃତାଲାଙ୍କ ସାମୀପ୍ୟତା ଅର୍ଜନକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇପାରିବୁ ।

ହୁଜୁର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଆପଣ ସ.ଅଙ୍କ ଉତ୍ତମ ଆଦର୍ଶର ପ୍ରକାଶରେ ଆମମାନଙ୍କୁ ଉପଦେଶ ଦେଇ କୁହନ୍ତି: "ମୋ ନିକଟରେ ପବିତ୍ର ହେବାର ସର୍ବୋତ୍ତମ ପନ୍ଥା ଏହିକି ଯେ, ମନୁଷ୍ୟ କୌଣସି ପ୍ରକାରର ଗର୍ବ ଓ ଅହଂକାର ପ୍ରଦର୍ଶନ ନକରୁ । ନା ଜ୍ଞାନଭିତ୍ତିକ ଦୃଷ୍ଟିରୁ, ନା ବଂଶଭିତ୍ତିକ ଦୃଷ୍ଟିରୁ, ନା

ଆର୍ଥିକ ଦୃଷ୍ଟିରୁ ଅହଂକାର ପ୍ରଦର୍ଶନ କରୁ । ଯେତେବେଳେ ଅଲ୍ଲାଃତାଲା କୌଣସି ବ୍ୟକ୍ତିକୁ ଦୃଷ୍ଟିଶକ୍ତି ପ୍ରଦାନ କରିଥାଆନ୍ତି ସେତେବେଳେ ସେହି ବ୍ୟକ୍ତି ଦେଖି ନେଇଥାଏ ଯେ, ପ୍ରତ୍ୟେକ ଆଲୋକ ସେହି ଅନ୍ଧକାରରୁ ମୁକ୍ତି ପ୍ରଦାନ କରିପାରିବ ଯେଉଁ ଆଲୋକ ଆକାଶରୁ ହିଁ ଆସିଥାଏ ଏବଂ ମନୁଷ୍ୟ ସବୁବେଳେ ଆକାଶର ଆଲୋକକୁ ହିଁ ଆବଶ୍ୟକ କରିଥାଏ । ସୂର୍ଯ୍ୟ ରଶ୍ମୀ ଉପରେ ନିର୍ଭର କରିଥାଏ । ଯେପର୍ଯ୍ୟନ୍ତ ସୂର୍ଯ୍ୟରୁ ଆଲୋକ ଆସିବ ନାହିଁ ସେପର୍ଯ୍ୟନ୍ତ ଆଖି କୌଣସି ବସ୍ତୁକୁ ଦେଖିପାରିବ ନାହିଁ । ସେହିପରି ଆଭ୍ୟନ୍ତରୀଣ ଆଲୋକ ପ୍ରତ୍ୟେକ ପ୍ରକାରର ଅନ୍ଧକାରକୁ ଦୂର କରି ଦେଇଥାଏ ଏବଂ ଏହା ପରିବର୍ତ୍ତେ ଧର୍ମପରାୟଣତା ଓ ପବିତ୍ରତାର ଆଲୋକ ସୃଷ୍ଟି କରିଥାଏ । ତେଣୁ ଆଲୋକ ଆକାଶରୁ ହିଁ ଆସିଥାଏ । ମୁଁ ସତ ସତ କହୁଛି ଯେ, ମନୁଷ୍ୟର ଧର୍ମପରାୟଣତା, ଧର୍ମବିଶ୍ୱାସ, ଉପାସନା, ପବିତ୍ରତା ସବୁକିଛି ଆକାଶରୁ (ଈଶ୍ୱରଙ୍କ ତରଫରୁ) ହିଁ ଆସିଥାଏ । ଏହା ଅଲ୍ଲାଃତାଲାଙ୍କ ଅସୀମ କୃପା ଉପରେ ନିର୍ଭର କରିଥାଏ । ତେଣୁ ସେ ଅର୍ଥାତ୍ ଅଲ୍ଲାଃତାଲା ଯଦି ଚାହିଁବେ ତେବେ ସେ ଏହି କୃପାମୂଳକ ଆଲୋକକୁ ଅବ୍ୟାହତ ରଖିବେ ଏବଂ ସେ ଯଦି ଚାହିଁବେ ତେବେ ସେ ଅନ୍ଧାକାରକୁ ଦୂର କରିଦେବେ । ତେଣୁ ପ୍ରକୃତ ଅଧ୍ୟାତ୍ମ ଏହା ହିଁ ଅଟେ ଯେ, ମନୁଷ୍ୟ ନିଜର ଆତ୍ମାକୁ ହରଣ କରି ହେୟ (କିଛି ଜିନିଷ ନୁହେଁ ଏହି ଶରୀର) ବୋଲି ମନେକରୁ ଓ ଈଶ୍ୱରଙ୍କ ଆସ୍ଥାନ ଉପରେ ପଡ଼ି ବିନୀତତା, ବିନମ୍ରତାର ସହିତ ଈଶ୍ୱରଙ୍କ କୃପା ଭିକ୍ଷା କରୁ ଓ ସେହି ଅଧ୍ୟାତ୍ମମୂଳକ ଆଲୋକକୁ ଈଶ୍ୱରଙ୍କ ଠାରୁ ମାଗୁ ଯାହା ଆତ୍ମାର ଭାବାବେଗକୁ ଭସ୍ମୀଭୂତ (ଜାଳି ପୋଡ଼ି) କରିଦେଇଥାଏ ଓ ଭିତରେ ଏକ ଆଲୋକ ସୃଷ୍ଟି କରିଥାଏ ତଥା ପୁଣ୍ୟ ନିମନ୍ତେ ଶକ୍ତି ଓ ଉଷ୍ମତା ସୃଷ୍ଟି କରିଥାଏ ।"

ହୁଜୁର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: "ଯଦି ତାହାଙ୍କ ଅର୍ଥାତ୍ ଈଶ୍ୱରଙ୍କ କୃପାରୁ ବ୍ୟକ୍ତିକୁ ଅଧ୍ୟାତ୍ମ ପରିଚୟର ଅଂଶ ପ୍ରାପ୍ତ ହୋଇଯାଏ ଏବଂ କୌଣସି ସମୟରେ କୌଣସି ପ୍ରକାରର ବିସ୍ତୃତା ଏବଂ ବ୍ୟାପକତା ହୋଇଯାଏ ତେବେ ସେହି ବ୍ୟକ୍ତି ଏଥିଯୋଗୁଁ ଗର୍ବ ଏବଂ ଅହଂକାର ପ୍ରଦର୍ଶନ ନକରୁ । ବରଂ ତା'ର ବିନୀତତା ଯୋଗୁଁ ଏବଂ ବିମନ୍ରତା ଯୋଗୁଁ ତାକୁ ଆହୁରି ଉନ୍ନତି ପ୍ରାପ୍ତ ହେବ । କାରଣ ବ୍ୟକ୍ତି ଯେଭଳି ଭାବରେ ନିଜକୁ ହେୟ (ତୁଚ୍ଛ) ବୋଲି ମନେକରିବ ସେହିପରି ଅବସ୍ଥା ଏବଂ ଅଲୋକ ଈଶ୍ୱରଙ୍କ ତରଫରୁ ଅବତୀର୍ଣ୍ଣ ହେବ । ସେହି ଆଲୋକ ବ୍ୟକ୍ତିକୁ ଆହୁରି ଅଲୋକ ଏବଂ ଶକ୍ତି ପ୍ରଦାନ କରିବ । ଯଦି ମନୁଷ୍ୟ ଏହି ବିଶ୍ୱାସ ରଖେ ତେବେ ମୁଁ ଆଶା କରୁଛି ଯେ, ଅଲ୍ଲାଃତାଲାଙ୍କ କୃପାରୁ ତା'ର ଚାରିତ୍ରିକ ଅବସ୍ଥା ଉତ୍ତମ ହୋଇଯିବ। ସଂସାରରେ ନିଜକୁ କିଛି (ବଡ଼) ବୋଲି ମନେକରିବା ଅହଂକାର ଅଟେ । ବ୍ୟକ୍ତିର ଅହଂକାର ବ୍ୟକ୍ତିକୁ ଅଧୋଗତି ଆଡ଼କୁ ନେଇ ଯାଇଥାଏ । ବ୍ୟକ୍ତିର ଅବସ୍ଥା ଖରାପ ହୋଇ ଯାଇଥାଏ । ପୁନଶ୍ଚ ମନୁଷ୍ୟର ଏହି ଅବସ୍ଥା ହୋଇଯାଇଥାଏ ଯେ, ସେ ଅନ୍ୟ ଉପରେ ଅଭିଶାପ ପକାଇଥାଏ ଏବଂ ତାକୁ ତୁଚ୍ଛ ବୋଲି ମନେକରିଥାଏ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-7, ପୃ-59-60, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: ମନୁଷ୍ୟ ଏକ ଦୁର୍ବଳ (ବିନୀତ, ବାଧ୍ୟ) ବ୍ୟକ୍ତି ଅଟେ । ସେ ନିଜର କୁକର୍ମ ଫଳ ଯୋଗୁଁ ନିଜକୁ ବଡ଼ ବୋଲି ମନେକରିବାକୁ ଲାଗିଥାଏ । ଗର୍ବ, ଅଂହକାର ମନୁଷ୍ୟର ମନ ମଧ୍ୟକୁ ଚାଲି ଆସିଥାଏ । ଯେପର୍ଯ୍ୟନ୍ତ ମନୁଷ୍ୟ ଅଲ୍ଲାଃତାଲାଙ୍କ ମାର୍ଗର ନିଜକୁ ଛୋଟ (ତୁଚ୍ଛ) ବୋଲି ମନେକରି ନେଇ ନାହିଁ ସେପର୍ଯ୍ୟନ୍ତ ସେ ବିପତ୍ତିରୁ ମୁକ୍ତି ପାଇ ପାରିବ ନାହିଁ । କବିର୍ (ସନ୍ଥ କବିର୍) ଭାରତରେ ଜଣେ ସୁଫିବାଦର କବି ଥିଲେ । ସେ କୁହନ୍ତି କବିର୍ ସତ କହିଛି ଯେ,

جے ہوتے گھر اونچ کے ملتا کہاں بھگوان
بھلا ہوا ہم نیچ بھلے ہر کو کیا سلام

ଅର୍ଥାତ୍ ଅଲ୍ଲାଃତାଲାଙ୍କ ମୁଁ ଅଶେଷ ଅଶେଷ କୃତଜ୍ଞତା ଜ୍ଞାପନ କରୁଛି ଯେ, ମୁଁ ଏକ ଛୋଟ ଘରେ (ପରିବାରରେ) ଜନ୍ମଗ୍ରହଣ କଲି । ମୁଁ ଯଦି ଉଚ୍ଚ ସମ୍ଭ୍ରାନ୍ତ ଘରେ ଜନ୍ମ ହୋଇଥାଆନ୍ତି ତେବେ ମୋତେ ଈଶ୍ୱର ମିଳି ନଥାଆନ୍ତେ । ଲୋକମାନେ ନିଜର ଉଚ୍ଚ ଜାତି ଯୋଗୁଁ ଗର୍ବ ଓ ଅହଂକାର ପ୍ରକାଶ କରନ୍ତି । କିନ୍ତୁ ସନ୍ଥ କବି ଯାହାଙ୍କର ଜାତି ବୁଣାକାର ଥିଲା । ଅର୍ଥାତ୍ ତାଙ୍କର ପରିବାର ବୁଣାକାର (ତନ୍ତୀ) ଥିଲା । ବସ୍ତ୍ର ବୟନ କରୁଥିଲା । ତେଣୁ ସେ ମଧ୍ୟ ବସ୍ତ୍ର ବୟନ କରୁଥିଲେ । ସେ ତନ୍ତୀ (ବୁଣାଳି) ହେବା ଯୋଗୁଁ କୃତଜ୍ଞତା ଜ୍ଞାପନ କରୁଥିଲେ । ତେଣୁ ମନୁଷ୍ୟ ପକ୍ଷେ ଏହା ଉଚିତ୍ କି ସେ ପ୍ରତ୍ୟେକ ମୁହୂର୍ତ୍ତ ନିଜକୁ ଦେଖୁ ଓ ସମୀକ୍ଷା କରୁ ଯେ, ମୁଁ କେଡ଼େ ତୁଚ୍ଛ ଓ ନୀଚ ଅଟେ। ମୋର ଅସ୍ତିତ୍ୱତା କ'ଣ ? ପ୍ରତ୍ୟେକ ବ୍ୟକ୍ତି ସେ ପଛେ ଯେତେ ବଡ଼ ହୋଇଯାଉ ନା କାହିଁକି, ଉଚ୍ଚ ସମ୍ଭ୍ରାନ୍ତ ବଂଶୀୟ ହୋଇଥାଉ ନା କାହିଁକି ଯେତେବେଳେ ସେ ନିଜକୁ ଦେଖିବ (ଅବଲୋକନ କରିବ) ସେତେବେଳେ ସେ ପ୍ରତ୍ୟେକ ମାର୍ଗରେ, ପ୍ରତ୍ୟେକ ସ୍ଥାନରେ କୌଣସି ନା କୌଣସି ରୂପରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ଅପେକ୍ଷା ନିଜକୁ ଅବଶ୍ୟ ଅସାମର୍ଥ୍ୟ, ତୁଚ୍ଛ, ହେୟ ଓ ନିକୃଷ୍ଟ ବୋଲି ମନେକରିବ । କିନ୍ତୁ ସର୍ତ୍ତ ଏହିକି ଯେ, ବ୍ୟକ୍ତିର ଚକ୍ଷୁଥିବା ଉଚିତ୍ । ଅର୍ଥାତ୍ ହୃଦୟର ଚକ୍ଷୁ ଥିବା ଉଚିତ୍ । ମନୁଷ୍ୟ ଯେତେବେଳେ ଜଣେ ଗରିବ ଓ ଅସହାୟ ବୃଦ୍ଧା ମହଳି ସହିତ ସେହିଭଳି ଚରିତ୍ର ପଦର୍ଶନ କରିଦେଇ ନାହିଁ ଯେଭଳି ଆଚରଣ ସେ ଏକ ସର୍ବୋଚ୍ଚ ବଂଶୀୟ, ମର୍ଯ୍ୟାଦାପୂର୍ଣ୍ଣ ବ୍ୟକ୍ତି ସହିତ କରିଥାଏ ତେବେ ସେହି ବ୍ୟକ୍ତି କଦାପି ଈଶ୍ୱରଙ୍କ ସମ୍ରାଟତ୍ୱ ଦରବାରରେ କଦାପି ପ୍ରବେଶ କରିପାରିବ ନାହିଁ । ତେଣୁ ଗରବି ତଥା ଦରିଦ୍ର ସହିତ ଏଭଳି ଆଚରଣ ପ୍ରଦର୍ଶନ କରିବା ଉଚିତ୍ । ସେହିପରି ମନୁଷ୍ୟ ଯେପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରକାରର ଅହଂକାର ଏବଂ ଗର୍ବ ଠାରୁ ନିଜକୁ ନିବୃତ୍ତ ତଥା ସୁରକ୍ଷିତ କରିନେଇ ନାହିଁ ସେପର୍ଯ୍ୟନ୍ତ ସେ କଦାପି ଈଶ୍ୱରଙ୍କ ସମ୍ରାଟତ୍ୱ ଦରବାରରେ ପ୍ରବିଷ୍ଟ ହୋଇପାରିବ ନାହିଁ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-138, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମନୁଷ୍ୟ ଯଦି ଈଶ୍ୱରଙ୍କୁ ପ୍ରାପ୍ତ କରିବାକୁ ଚାହୁଁଛି ତେବେ ସେ ବିନୀତତା ଅବଶ୍ୟ ପ୍ରଦର୍ଶନ କରୁ । ଅତଏବ୍ ଈଶ୍ୱର ପ୍ରାପ୍ତି ନିମନ୍ତେ ବିନୀତତା ସର୍ତ୍ତ ରହିଛି । ଅଲ୍ଲାଃତାଲା ଆମମାନଙ୍କୁ ବିନୀତତାର ବାସ୍ତବତାକୁ ହୃଦୟଙ୍ଗମ କରିବା ନିମନ୍ତେ ଏବଂ ଆଁହଜରତ୍ ସ.ଅଙ୍କ ଉତ୍ତମ ଆଦର୍ଶକୁ ସର୍ବଦା ନିଜ ଦୃଷ୍ଟି ସମ୍ମୁଖରେ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

**(ଅଲ୍‌ଫଜ୍‌ଲ୍ ଇଣ୍ଟରନ୍ୟାସ୍‌ନଲ୍, 05 ଜୁନ୍ 2026 ମସିହା, ପୃ-1-8)**

☆☆☆

**ବିଗତ ସଂଖ୍ୟା-26, ପୃ-11ରେ ବର୍ଣ୍ଣିତ ଖୁତ୍‌ବା ଜୁମା 24-4-26ରେ ଅବଶିଷ୍ଟାଂଶ...**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ପ୍ରତ୍ୟେକ ବ୍ୟକ୍ତି ବୁଝିପାରିବ ଯେ, ଜଣେ କୁମାର୍ଗ ଗମନକାରୀ, ମନ୍ଦ ଆଚରଣ ଥିବା ବ୍ୟକ୍ତିକୁ ସଜାଡ଼ିବା କିପରି କଷ୍ଟକର କାର୍ଯ୍ୟ ଅଟେ ? ଦୃଢ ଅଭ୍ୟାସକୁ ଗଣ୍ୟ କରାଇବା କଷ୍ଟକର ପ୍ରସଙ୍ଗ ମଧ୍ୟରୁ ଅନ୍ୟତମ ପ୍ରସଙ୍ଗ ଅଟେ । ଯେତେବେଳେ ମନୁଷ୍ୟର ଅଭ୍ୟାସଦୃଢ ହୋଇଯାଏ ସେତେବେଳେ ତାହାକୁ ଠିକ୍ କରିବା ଅତ୍ୟନ୍ତ କଷ୍ଟସାଧ୍ୟ କାର୍ଯ୍ୟ ଅଟେ । କିନ୍ତୁ ଆମ୍ଭର ପୁଣ୍ୟଶ୍ଳୋକ ମହାବତାର ମୁହମ୍ମଦ୍ ସ.ଅ ତ' ସହସ୍ର ସହସ୍ର ମନୁଷ୍ୟମାନଙ୍କୁ ସଜାଡ଼ି (ଠିକ କରି) ଦେଇଥିଲେ । ସେହି ଲୋକମାନେ ପଶୁ ଠାରୁ ବି ହୀନ ଥିଲେ । କେତେକ ଲୋକ ନିଜ ମାତା ଏବଂ ଭଉଣୀଙ୍କ ମଧ୍ୟରେ ପାର୍ଥକ୍ୟ କରୁ ନଥିଲେ । ମକ୍କାର ଲୋକମାନେ ପାଶବିକ ପ୍ରବୃତ୍ତିର ଥିଲେ । ସେମାନେ ମା ଭଉଣୀଙ୍କ ମଧ୍ୟରେ ପାର୍ଥକ୍ୟ କରୁ ନଥିଲେ । ସେମାନେ ଅନାଥମାନଙ୍କର ଧନକୁ ହଡ଼ କରି ନେଉଥିଲେ, ମୃତ ବ୍ୟକ୍ତିମାନଙ୍କର ସମ୍ପତ୍ତି, ସେମାନଙ୍କର ଧନକୁ ମଧ୍ୟ ହଡ଼ପ କରି ନେଉଥିଲେ । କେତେକ ଲୋକେ ତାରକା ପୂଜକ ଥିଲେ, ଆଉ କେତେକ ଲୋକ, ନାସ୍ତିକବାଦ ଥିଲେ, କେତେକ ଲୋକ ପଞ୍ଚଭୂତ (ଅଗ୍ନି, ଜଳ, ବାୟୁ, ମୃତ୍ତିକା ଓ ଆକାଶ) ପୂଜକ ଥିଲେ । ଆରବ୍ୟ ମହାଦ୍ୱୀପ କ'ଣ ଥିଲା ? ଏକ ସକଳ ଧର୍ମର ସମାହାର ଥିଲା। ସମସ୍ତ ଧର୍ମକୁ ନିଜ ମଧ୍ୟରେ ଧାରଣ କରି ରଖିଥିଲା । ତହିଁରୁ ବଡ଼ ଲାଭ ଏହା ହେଲା ଯେ, ପବିତ୍ର କୁରଆନ୍ କରୀମ୍ ପ୍ରତ୍ୟେକ ପ୍ରକାରର ଶିକ୍ଷାନିଜ ମଧ୍ୟରେ ନିହିତ ରଖିଥାଏ। ପ୍ରତ୍ୟେକ ଭୁଲ ଧର୍ମବିଶ୍ୱାସ କିମ୍ବା କୁଶିକ୍ଷା ଯାହା ସଂସାରର ସମ୍ଭବପର ଅଟେ ତାହାର ମୂଳୋତ୍ପାଟନ ନିମନ୍ତେ ପର୍ଯ୍ୟାପ୍ତ ଶିକ୍ଷା ତହିଁରେ ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍ ମଧ୍ୟରେ ବିଦ୍ୟମାନ ରହିଛି । ଏହା ଅଲ୍ଲାଃତାଲାଙ୍କ ଗଭୀର ତାତ୍ତ୍ୱିକମୂଳକ ପରିବର୍ତ୍ତନ ଅଟେ ।" **(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-31-33, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କୁ ଏପରି ଏକ ସମୟରେ ପ୍ରେରଣ କଲେ ଯେତେବେଳେ ଅଶିକ୍ଷତତାର ସୀମା ଟପି ଯାଇଥିଲା । ହୁଜୁର୍ ସ.ଅ ସେହି ନୃଶଂସ, ପଶୁ ତୁଲ୍ୟ ଲୋକମାନଙ୍କୁ ମନୁଷ୍ୟ କଲେ ।

اللّٰھم صل علیٰ محمد وعلیٰ آل محمد وبارک وسلم انک حمید مجید۔

ହୁଜୁର୍ ଅନ୍‌ୱର ଅ.ବ କହିଲେ, ଅଲ୍ଲାଃତାଲା ଆମମାନଙ୍କୁ ମଧ୍ୟ ଆପଣ ସ.ଅଙ୍କ ଆଦର୍ଶ ଉପରେ ପରିଚାଳିତ ହେବା ସହିତ ପବିତ୍ର କୁରଆନ୍ କରୀମ୍ ଏବଂ ଆପଣ ସ.ଅଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରି ସତ୍ୟତାର ସ୍ତରକୁ ଉଚ୍ଚତର କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

**(ଅଲ୍‌ଫଜ୍‌ଲ୍ ଇଣ୍ଟରନ୍ୟାସ୍‌ନଲ୍, 15 ମେ 2026 ମସିହା, ପୃ-2-8)**

☆☆☆

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰہُ بِکَافٍ عَبۡدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

**ତାଲିବେ ଦୁଆ:** Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

## ବିଗତ ସଂଖ୍ୟା-26, ପୃ-12ରେ ବର୍ଣ୍ଣିତ ସିରତୁଲ୍ ମେହଦୀର ଅବଶିଷ୍ଟାଂଶ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ଏମ୍.ଏ ର.ଅ)

ହ. ମସିହ୍ ମଉଦ୍ ଅ.ସ କହିଲେ, ମିଆଁ (ହେ ପୁତ୍ର ! ଅର୍ଥାତ୍ ହ. ମିର୍ଜା ବଶୀର୍ ଅହମଦ) ସେ ପରା ତୁମର ଚଚା ଅଟନ୍ତି ତୁମେ ତାଙ୍କର ଏପରି ନାଁ ଧରିବ ନାହିଁ। ବିନୀତ କହି ଦେଉଛି ଯେ, ମିର୍ଜା ଇମାମୁଦ୍ଦୀନ୍ ଏବଂ ମିର୍ଜା ନିଜାମୁଦ୍ଦୀନ ଓ ମିର୍ଜା କମାଲୁଦ୍ଦୀନ୍ ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରକୃତ ଚଚା ମିର୍ଜା ଗୁଲାମ୍ ମୁହିଉଦ୍ଦୀନ ସାହେବଙ୍କର ସନ୍ତାନ ଥିଲେ ଏବଂ ତାଙ୍କର ନିଜ ଭଉଣୀ ଯିଏ ଆମର ବଡ଼ ମା ଅଟନ୍ତି ସେ ଆମର ବଡ଼ ବାପା ମିର୍ଜା ଗୁଲାମ୍ କାଦିର୍ ସାହେବଙ୍କୁ ବିବାହ କରିଥିଲେ ।

ହ. ମିର୍ଜା ବଶୀର୍ ଅହମଦ କୁହନ୍ତି: କିନ୍ତୁ ଏପରି ନିକଟ ସଂପର୍କୀୟ ହେବା ସତ୍ତ୍ୱେ ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରତି ସେମାନେ ଘୋର ବିରୋଧ ପ୍ରଦର୍ଶନ କରୁଥିଲେ। ଏହାର ମୂଳ କାରଣ ଧାର୍ମିକ କାରଣ ଥିଲା । ଏମାନେ ଘୋର ସାଂସାରିକ ଏବଂ ବିଧର୍ମୀ ଲୋକ ଥିଲେ । କେବଳ ସେତିକି ନୁହେଁ ବରଂ ମିର୍ଜା ଇମାମୁଦ୍ଦୀନ୍ ଯେକି ବିରୋଧୀମାନଙ୍କର ମୁଖ୍ୟ ଥିଲେ ସେ ଇସ୍‌ଲାମ୍ ଧର୍ମ ପ୍ରତି ଉପହାସ କରୁଥିଲା । ଏହି କାରଣରୁ ଆମର ତାଙ୍କ ସହିତ କେବେ ବି ପ୍ରେମ ବ୍ୟବାହର ଓ ମିଳାମିଶା ହେଲା ନାହିଁ (ପଡୁ ନଥିଲା)। ଏହି ସଂପର୍କ ନରହିବାର ପ୍ରଭାବ ସଂସ୍ପର୍ଶରେ କେବଳ ନିଜାମୁଦ୍ଦୀନର ଶବ୍ଦ ମୁଁ କହି ଦେଇଥିଲି । କିନ୍ତୁ ହ. ମସିହ୍ ମଉଦ୍ ଅ.ସଙ୍କ ଚରିତ୍ର ଉକ୍ତ କଥାକୁ ସହ୍ୟ କଲା ନାହିଁ । ତେଣୁ ଆପଣ ଅ.ସ ମୋତେ କହିଲେ, ମିଆଁ ! ତୁମେ ସମ୍ମାନର ସହିତ ନିଜ ଚଚାଙ୍କ ନାଁ ଧର ।

(39) بِسۡمِ اللّٰہِ الرَّحۡمٰنِ الرَّحِیۡمِ ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଏମ୍.ଏ ବର୍ଣ୍ଣନା କରନ୍ତି ଯେ, ମାତାଶ୍ରୀ ମୋତେ କହିଲେ, "ଏକଦା ମୁଁ ଶୁଣିଲି ଯେ, ମିର୍ଜା ଇମାମୁଦ୍ଦୀନ୍ ନିଜ ଘରେ କାହାକୁ ସମ୍ବୋଧନ କରି ଉଚ୍ଚ ସ୍ୱରରେ କହୁଥିଲେ ଯେ, ଭାଇମାନେ (ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କ ଆଡ଼କୁ ଇଙ୍ଗିତ ଥିଲା) ଦୋକାନ ଚଳାଇ ଲାଭ ଉଠାଉଛନ୍ତି । ତେଣୁ ଚାଲ ମୁଁ ବି ଦୋକାନ ଚଳାଇବି । ମାତାଶ୍ରୀ କହୁଥିଲେ ଯେ, ପୁନଶ୍ଚ ସେ ଡମମାନଙ୍କର ଗୁରୁ ହେବାର ପରମ୍ପରା ଆରମ୍ଭ କଲେ ।

ହ. ମିର୍ଜା ବଶୀର୍ ଅହମଦ କହିଲେ, ମାତାଶ୍ରୀ କହିଲେ, ପ୍ରକୃତ ବିରୋଧୀ ଏବଂ ସବୁଠୁ ବଡ଼ ବିରୋଧୀ ମିର୍ଜା ଇମାମୁଦ୍ଦୀନ ହିଁ ଥିଲା । ତା'ର ମୃତ୍ୟୁ ପରେ ମିର୍ଜା ନିଜାମୁଦ୍ଦୀନ ଇତ୍ୟାଦିଙ୍କ ତରଫରୁ ଆଉ ସେଭଳିଆ ବିରୋଧ ରହିଲା ନାହିଁ । ବିନୀତ କହି ଦେଉଛି ଯେ, ମିର୍ଜା ଇମାମୁଦ୍ଦୀନଙ୍କ କନ୍ୟା ଯେ କି ମିର୍ଜା ସୁଲ୍‌ତାନ ଅହମଦ ସାହେବଙ୍କୁ ବିବାହ କରିଛନ୍ତି ସେ ଦୀର୍ଘ ଦିନ ହେଲାଣି ଅହମଦି ହୋଇ ସାରିଛନ୍ତି ।"

(40) بِسۡمِ اللّٰہِ الرَّحۡمٰنِ الرَّحِیۡمِ ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଏମ୍.ଏ ବର୍ଣ୍ଣନା କରନ୍ତି ଯେ, କାଜି ଅମୀର ହୁସେନ୍ ସାହେବ ମୋତେ କହିଲେ, ଏକଦା ଖ୍ୱାଜା କମାଲୁଦ୍ଦୀନ୍ ସାହେବଙ୍କ ସହିତ ମୋର କୌଣସି କଥାକୁ କେନ୍ଦ୍ର କରି କଳହ (ଝଗଡ଼ା) ହୋଇଗଲା । ଖ୍ୱାଜା ସାହେବ ମୋତେ କହିଲେ, କାଜି ସାହେବ ! କ'ଣ ଆପଣ ଜାଣନ୍ତି ନାହିଁ ଯେ, ହ. ମସିହ୍ ମଉଦ୍ ଅ.ସ ମୋତେ କେତେ ସମ୍ମାନ ଜଣାଉଥିଲେ ? ମୁଁ କହିଲି, ମୁଁ ଜାଣୁଛି ଯେ, ହ. ମସିହ୍ ମଉଦ୍ ଅ.ସ ଆପଣ ଅ.ସଙ୍କୁ ବହୁତ ସମ୍ମାନ ଜଣାନ୍ତି । କିନ୍ତୁ ମୁଁ ଆପଣଙ୍କୁ ଗୋଟେ କଥା କହୁଛି ଏବଂ ତାହା ଏହିକି ଯେ, ଏକଦା ମୁଁ ଅମୃତସରରୁ କାଦିୟାନ୍ ଆସିଲି ଏବଂ ହ. ମସିହ୍ ମଉଦ୍ ଅ.ସଙ୍କୁ ଅବଗତ କରି ଆପଣ ଅ.ସଙ୍କୁ ସାକ୍ଷାତ୍ କଲି । କାଜି ସାହେବ କୁହନ୍ତି ଯେ, ସେତେବେଳେ ପର୍ଯ୍ୟନ୍ତ ଆମେମାନେ ଶିଷ୍ଟାଚାର ଶିଖି ନଥିଲୁ । ଯେତେବେଳେ ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କୁ ସାକ୍ଷାତ୍ କରିବାର ଆବଶ୍ୟକତା ମନେକରୁଥିଲୁ ସେତେବେଳେ ଆମେମାନେ ଆପଣ ଅ.ସଙ୍କୁ ଅବଗତ କରୁଥିଲୁ । ଆପଣ ଅ.ସ ଆମମାନଙ୍କୁ ଭିତରକୁ ଡାକି ନେଉଥିଲେ କିମ୍ବା ହ. ମସିହ୍ ମଉଦ୍ ଅ.ସ ସ୍ୱୟଂ ଆମ ଡାକ ଶୁଣି ବାହାରକୁ ବାହାରି ଆସୁଥିଲେ। ପରବର୍ତ୍ତୀ ସମୟରେ ଏପରି କଥା ହେଲା ନାହିଁ । ତେଣୁ ଆମେମାନେ ବୁଝିନେଲୁ ଯେ, ରସୁଲଙ୍କୁ (ବାର୍ତ୍ତାବହ ତଥା ଅବତାରଙ୍କୁ) ଏପରି ଡାକିବା ଅନୁଚିତ୍ ଅଟେ । ସେ ଯାହା ହେଉ ମୁଁ ହୁଜୁର୍ ଅ.ସଙ୍କୁ ଭେଟିଲି । ଆପଣ ଅ.ସ ଶେଖ୍ ହାମିଦ୍ ଅଲୀ ର.ଅଙ୍କୁ ଡକାଇ ଆଦେଶ ଦେଲେ ଯେ, କାଜି ସାହେବଙ୍କ ସକାଶେ ଚାହା ତିଆରି କରି ଆଣ । କିନ୍ତୁ ମୁଁ ସେତେବେଳେ ବହୁତ ଡରିଲି । କାରଣ ଏହି ମାନ ଅତିଥି ସତ୍କାର ସେପରି ନହେଉ ଯେପରି କପଟବିଶ୍ୱାସୀମାନଙ୍କର ଏବଂ ଦୁର୍ବଳ ବିଶ୍ୱାସାକାରୀମାନଙ୍କର ଆତିଥ୍ୟତା କରାଯାଇଥାଏ । ମୁଁ ବହୁତ୍ ଇସ୍ତିଗ୍‌ଫାର୍ ପାଠ କଲି । ମୁଁ ଖ୍ୱାଜା ସାହେବଙ୍କୁ ଉକ୍ତ ବୃତ୍ତାନ୍ତ (ଘଟଣା) ଶୁଣାଇ କହିଲି, ଖ୍ୱାଜା ସାହେବ ! ଆପଣଙ୍କର ସମ୍ମାନ, ଆଦର ସତ୍କାର ଏହିପରି ନହେଉ ଯେପରି ମୋର ହେଉଛି ।

ସୁତରାଂ ମୁଁ ଆପଣଙ୍କୁ କହି ଦେଉଛି ଯେ, ରସୁଲ୍ କରୀମ୍ ସ.ଅଙ୍କ ସଂପର୍କରେ ମଧ୍ୟ ବର୍ଣ୍ଣନା ମିଳେ ଯେ, ଆପଣ ସ.ଅ ଦୁର୍ବଳ ବିଶ୍ୱାସକାରୀମାନଙ୍କର ଏବଂ କପଟବିଶ୍ୱାସୀମାନଙ୍କର ବହୁତ ଅତିଥି ସତ୍କାର କରୁଥିଲେ । ସୁତରାଂ ହଦିସ୍‌ରେ ଉଲ୍ଲେଖ ରହିଛି ଯେ, ଏକଦା ଆପଣ ସ.ଅ କିଛି ଅର୍ଥ ବାଣ୍ଟିଲେ । କିନ୍ତୁ ଏପରି ଏକ ବ୍ୟକ୍ତି ଛାଡ଼ି ଦେଲେ ଯାହା ସଂପର୍କରେ ସାଆଦ୍ ବିନ୍ ଅବି ୱକ୍କାସ୍ କୁହନ୍ତି ଯେ, ମୋ ଧାରଣାରେ ସେହି ବ୍ୟକ୍ତି ବିଶ୍ୱାସାକାରୀ ଥିଲା ଏବଂ ସେହି ଲୋକମାନଙ୍କ ଅପେକ୍ଷା ଆତିଥ୍ୟତାର ଅଧିକ ଅଧିକାରୀ ଯେଉଁ ଲୋକମାନଙ୍କୁ ଆପଣ ସ.ଅ ଧନ ଦେଇଥିଲେ। ଅତଏବ୍ ହ. ସାଆଦ୍ ର.ଅ ସେହି ବ୍ୟକ୍ତି ଆଡ଼କୁ ଆପଣ ର.ଅ ଆଁହଜରତ୍ ସ.ଅଙ୍କ ଧ୍ୟାନ ଆକର୍ଷଣ କଲେ । କିନ୍ତୁ ଆପଣ ର.ଅ ନିରବ ରହିଲେ । ପୁନଶ୍ଚ ହ. ସାଆଦ୍ ର.ଅ ଆଁହଜରତ୍ ସ.ଅଙ୍କୁ ଧ୍ୟାନ ଆକର୍ଷଣ କଲେ । କିନ୍ତୁ ଆପଣ ସ.ଅ ନିରବ ରହିଲେ । ହ. ସାଆଦ୍ ର.ଅ ତୃତୀୟ ଥର ଆପଣ ସ.ଅଙ୍କ ଧ୍ୟାନ ଆକର୍ଷଣ କଲେ । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହେ ସାଆଦ୍ ! ତୁମେ ମୋ ସହିତ କାହିଁକି କଳହ କରୁଛ ? ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ପ୍ରକୃତ ପ୍ରସଙ୍ଗ ଏହିକି ଯେ, ବେଳେବେଳେ ମୁଁ କୌଣସି ବ୍ୟକ୍ତିଙ୍କୁ କିଛି ଜିନିଷ ଦେଇ ଦେଇଥାଏ । କିନ୍ତୁ ମୋତେ ତା' ଅପେକ୍ଷା ଅନ୍ୟ ବ୍ୟକ୍ତି ଅଧିକ ପ୍ରିୟ ବୋଲି ମନେ ହୋଇଥାଏ । କିନ୍ତୁ ମୁଁ ସେହି ବ୍ୟକ୍ତିଙ୍କୁ ଏଇଥି ପାଇଁ ଦେଉଛି ଯେ, ସେ ମୁହଁ ମାଡ଼ି ଅଗ୍ନିରେ ପଡ଼ି ନଯାଉ । ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ କୁହନ୍ତି: ଅର୍ଥାତ୍ ମନ ଜିଣିବା ବା ମନ ରଖିବା ସ୍ୱରୂପ ମୁଁ ସେହି ବ୍ୟକ୍ତିଙ୍କୁ କିଛି ଦେଇଥାଏ। କାରଣ ସେହି ବ୍ୟକ୍ତି ପରୀକ୍ଷା ଓ ବିପତ୍ତିର ସମ୍ମୁଖୀନ ନହୋଇଯାଉ । କାଜି ସାହେବ ବର୍ଣ୍ଣନା କଲେ ଯେ, ଯେଉଁ ବ୍ୟକ୍ତିର ବିଶ୍ୱାସର ଅବସ୍ଥା ସଂପର୍କରେ ମୁଁ ସନ୍ତୁଷ୍ଟ ତେବେ ସେହି ବ୍ୟକ୍ତିଙ୍କୁ ପ୍ରକାଶ୍ୟଗତ ସମ୍ମାନ ଏବଂ ଆଦର ସତ୍କାରର ଆବଶ୍ୟକତା ନଥାଏ । ତା' ସହିତ ଅନ୍ୟ ପ୍ରକାରର ଆଚରଣ ପ୍ରଦର୍ଶନ କରାଯାଇଥାଏ । ଅର୍ଥାତ୍ ଆତିଥ୍ୟତା ପ୍ରଦର୍ଶ କରାଯାଇଥାଏ ।" **(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ପୃ-25-30, ପ୍ରକାଶନ ସ୍ଥାନ, କାଦିୟାନ୍)** ☆☆☆

## ବଦର୍‌ର ପ୍ରକାଶିତ ସଂଖ୍ୟାଗୁଡ଼ିକୁ ନିଜେ ସୁରକ୍ଷିତ ଓ ସଂରକ୍ଷିତ କରି ରଖନ୍ତୁ

ଉକ୍ତ ସମ୍ବାଦପତ୍ର ସାଂସାରିକ ମଳିନତା ତଥା ପାପ ଠାରୁ ଉର୍ଦ୍ଧ୍ୱ ହୋଇ ସାଂସାରିକ ଏବଂ ଧାର୍ମିକ ଶିକ୍ଷାର ନିଧି ଅଟେ । ଉକ୍ତ ସମ୍ବାଦ ପତ୍ର ଜାତୀୟ ଆଶା, ଉଦ୍ଦୀପନା ଏବଂ ଆବଶ୍ୟକତାକୁ ପୂରଣ କରିଥାଏ । ବଦର୍‌ରେ ପବିତ୍ର କୁରଆନ୍ କରୀମ୍, ଆହାଦିସେ ନବୱିୟାହ୍ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ପ୍ରଦତ୍ତ ମଲ୍‌ଫୁଜାତ୍ ଏବଂ ଅନ୍ୟାନ୍ୟ ଲେଖନୀ ବ୍ୟତୀତ ଅସଂଖ୍ୟ ପବିତ୍ର ପ୍ରାମାଣ୍ୟଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥାଏ । ସେହି ସବୁର ଅଧ୍ୟୟନ କରିବା, ସେଗୁଡ଼ିକୁ ଅନ୍ୟମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା, କାର୍ଯ୍ୟକାରୀ କରିବା ଏବଂ ତାହା ମାଧ୍ୟମରେ ସନ୍ତାନମାନଙ୍କର ଶିକ୍ଷା ଓ ସଂସ୍କାର କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ଅଟେ । ଏହି ସମସ୍ତ ଅଭିପ୍ରାୟକୁ ପ୍ରାପ୍ତ କରିବା ନିମନ୍ତେ ବଦର୍‌ର ସଂଖ୍ୟାଗୁଡ଼ିକୁ ସୁରକ୍ଷିତ ଓ ସଂରକ୍ଷିତ କରିବା, ସେଗୁଡ଼ିକୁ କ୍ରମ ଅନୁଯାୟୀ ରେକର୍ଡ଼ଭୁକ୍ତ କରିବା ମଧ୍ୟ ଆମମାନଙ୍କର ଦାୟିତ୍ୱ ଅଟେ ।

ଧାର୍ମିକ ଏବଂ ସାଂସ୍କାରିକ ବିଷୟ ବସ୍ତୁ ଉପରେ ଆଧାରିତ ଏହି ଖବର କାଗଜଟି ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଠାରୁ ଏହି ଆଶା କରିଥାଏ ଯେ, ଉକ୍ତ ଖବର କାଗଜକୁ ପରିତ୍ୟକ୍ତ, ଅନାବଶ୍ୟକ କାଗଜ ମନେକରି ଅନ୍ୟ ଖବରକାଗଜ ସହିତ, ବହି ଖାତା ସହିତ ବିକ୍ରି କରିଦେବା ଏହାର ମର୍ଯ୍ୟାଦା ଓ ଗାରିମାକୁ କ୍ଷୁର୍ଣ୍ଣ କରିବା ସହିତ ସମାନ ଅଟେ । ଯଦି ଉକ୍ତ ଖବର କାଗଜକୁ ସମ୍ଭାଳିବା ସମ୍ଭବପର ହେଉ ନାହିଁ ତେବେ ଏହାକୁ ସତର୍କତାର ସହିତ ନଷ୍ଟ କରି ଦିଅନ୍ତୁ । କାରଣ ଏହି ପବିତ୍ର ଖବର କାଗଜରେ ପବିତ୍ର ଲେଖନୀ ଯଥା ପବିତ୍ର କୁରଆନ୍ କରୀମ୍‌ର ଆୟତ୍‌ଗୁଡ଼ିକ, ଆହାଦିସ୍‌ଗୁଡ଼ିକର ମର୍ଯ୍ୟାଦା ହାନୀ ଯେପରି ନହେଉ ଓ କୌଣସି ଆରୋପ ମୂଳ କାରଣ ନ ପାଲଟି ଯାଉ । ଆଶା କରୁଛୁ ଯେ, ଜମାଅତ୍‌ର ସଦସ୍ୟବୃନ୍ଦଏଥିପ୍ରତି ବିଶେଷ ଧ୍ୟାନ ଦେବେ ଏବଂ ଉକ୍ତ ସାପ୍ତାହିତ ଖବର କାଗଜରୁ ଉପକୃତ ହୋଇ ଉପରୋକ୍ତ ପ୍ରସଙ୍ଗ ପ୍ରତି ଧ୍ୟାନ ଦେବେ ଓ ମନେ ମଧ ରଖିବେ । **ଇନଶାଅଲ୍ଲାଃ** ।

**(ଖବର କାଗଜ ବଦର୍‌ର ସମ୍ପାଦକ ମଣ୍ଡଳୀ)**☆☆☆

## ପୃ-02 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ...

وہ خزائن جو ہزاروں سال سے مدفون تھے
اب میں دیتا ہوں اگر کوئی ملے امیدوار

ଅର୍ଥାତ୍ ଯେଉଁ ନିଧି ସହସ୍ର ସହସ୍ର ବର୍ଷ ଧରି ପୋତି ହୋଇ ରହିଥିଲା ବର୍ତ୍ତମାନ ମୁଁ ସେହି ନିଧିକୁ କାଢି ତୁମମାନଙ୍କୁ ଦେଉଅଛି । କିନ୍ତୁ ଯଦି କୌଣସି ପ୍ରକୃତ ଯୋଗ୍ୟ ଗ୍ରହଣକାରୀ (ହିତାଧିକାରୀ) ବ୍ୟକ୍ତି ମିଳି ଯାଆନ୍ତା କି ।

ଅତଏବ୍ ଯେଉଁ ବ୍ୟକ୍ତି ଅଶ୍ ଶିର୍କତୁଲ୍ ଇସ୍‌ଲାମିୟାହ୍ ଲିମିଟେଡ୍‌ର ଭାଗ କ୍ରୟ କରନ୍ତି ତେବେ ସେମାନେ ନିଃସନ୍ଦେହ ରୂପେ ଅଲ୍ଲାଃତାଲାଙ୍କ ଏହି ଉଦ୍ଦେଶ୍ୟକୁ ନିଶ୍ଚିତ ରୂପେ ସାର୍ଥକ ତଥା ସାକାର କରିବେ ଯାହା ଉପରୋକ୍ତ ଐଶୀବାଣୀରେ ପ୍ରକାଶିତ କରାଯାଇଛି । **(ଦୈନିକ୍ ଅଲ୍ ଫଜଲ୍, ରବୱା, 1956 ମସିହା, ଜୁଲାଇ ମାସ 23 ତାରିଖ, ପୃ-7)**

ହୁଜୁର୍ ଅନୱର୍ ଅ.ବ କହିଲେ, ଯେହେତୁ ଉକ୍ତ ଜ୍ଞାନଭିତ୍ତିକ ଓ ଆଧ୍ୟାତ୍ମିକ କାର୍ଯ୍ୟ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ପବିତ୍ର ଖିଲାଫତ୍ କାଳ ମଧ୍ୟରେ ଆରମ୍ଭ ହୋଇଥିଲା

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP- 40/2026-2028 Vol. 11 Thursday- 02 July 2026 Issue No. 27

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com

## ପୃ-01 ରେ ବର୍ଣ୍ଣିତ ତଫ୍‌ସିର୍ ମୁସ୍‌ଲେହ୍ ମଉଦ ର.ଅ ର ଅବଶିଷ୍ଟାଂଶ...

ଲାଗିଲା ଯେ, ମୁଁ ତୁମମାନଙ୍କ ଠାରୁ ନିଜ ହାତରେ ବୈଅତ୍ ନେଇଛି । କିନ୍ତୁ ମୁଁ ଏଇଥି ପାଇଁ ତୁମମାନଙ୍କ ଠାରୁ ବୈଅତ୍ ନେଇ ନାହିଁ ଯେ, ମୁଁ ନିଜକୁ ତୁମମାନଙ୍କ ଠାରୁ ବୈଅତ୍ ନେବାର ଯୋଗ୍ୟ ବ୍ୟକ୍ତି ବୋଲି ମନେକରୁଛି । ବରଂ ମୁଁ ଏଇଥି ବୈଅତ୍ ନେଇଛି ଓ ମୁଁ ଏହା ଚାହୁଁଥିଲା ଯେ, ତୁମମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ନହେଉ । ସେବେଠାରୁ ନେଇ ଆଜି ପର୍ଯ୍ୟନ୍ତ ମୁଁ ଘରେ ଏହା ହିଁ ଭାବୁଥିଲି ଯେ, ଯଦି ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ନିଜକୁ ଲୋକମାନଙ୍କ ଠାରୁ ବୈଅତ୍ ନେବାର ଅଧିକାରୀ ବୋଲି ବିବେଚିତ (ମନକରେ) ହୁଏ ତେବେ ମୁଁ ଏହି ଅଧକ୍ଷତା ଏବଂ ଶାସକତ୍ୱ ପଦବୀକୁ ତାକୁ ହସ୍ତାନ୍ତର କରିଦେବି ଏବଂ ନିଜେ ତହିଁରୁ ଦାୟିତ୍ୱମୁକ୍ତ ହୋଇଯିବି । କିନ୍ତୁ ବିଚାର କରିବା ସତ୍ତ୍ୱେ ତୁମମାନଙ୍କ ମଧ୍ୟରୁ ମୋତେ ଏପରି ବ୍ୟକ୍ତି ଦୃଶ୍ୟମାନ ହେଲା ନାହିଁ। ତେଣୁ ହେ ଲୋକମାନେ ! ତୁମେମାନେ ଭଲ ଭାବରେ ଶୁଣିନିଅ ଯେ, ମୁଁ ଉକ୍ତ ସିଂହାସନ ତଥା ପଦବୀ ନିମନ୍ତେ ଯୋଗ୍ୟ ପ୍ରାର୍ଥୀ ନୁହେଁ । ମୁଁ ଏହା ମଧ୍ୟ କହିଦେବାକୁ ଚାହୁଁଛି ଯେ, ମୋର ବାପ ଅଜା ମଧ୍ୟ ଉକ୍ତ ସିଂହାସନ ଓ ପଦବୀ ନିମନ୍ତେ ଯୋଗ୍ୟ ନଥିଲେ । ମୋର ପିତା ହୁସୈନ୍ ର.ଅଙ୍କୁ ଠାରୁ ପଦମର୍ଯ୍ୟାଦାରେ ନିମ୍ନ (ନ୍ୟୁନ) ଥିଲା ଓ ତା'ର ପିତା ହସନ୍ ହୁସୈନ୍ ର.ଅଙ୍କ ଅପେକ୍ଷା ନିମ୍ନ ମର୍ଯ୍ୟାଦାର ଅଧିକାରୀ ଥିଲା । ହ. ଅଲୀ ର.ଅ ନିଜ ଶାସନକାଳ ମଧ୍ୟରେ ଖିଲାଫତ୍ ସକାଶେ ସର୍ବାଧିକ ଯୋଗ୍ୟ ବ୍ୟକ୍ତି ଥିଲେ ଓ ତାଙ୍କ ପରେ ମର୍ଯ୍ୟାଦା କ୍ରମେ ମୋରେ ଦଦା (ଅଜା ବା ଜେଜ) ଖିଲାଫତ୍ ସକାଶେ ଯୋଗ୍ୟ ବ୍ୟକ୍ତି ଥିଲା । ପୁନଶ୍ଚ ମୋର ବାପାଙ୍କ ପରେ ହସନ୍ ଓ ହୁସୈନ୍ ର.ଅ ଖିଲାଫତ ସକାଶେ ସର୍ବାଧିକ ଯୋଗ୍ୟ ବ୍ୟକ୍ତି ଥିଲେ । ତେଣୁ ମୁଁ ଉକ୍ତ ଅଧକ୍ଷ ବା ଶାସକତ୍ୱ ପଦରୁ ଦାୟିତ୍ୱମୁକ୍ତ ହେଉଛି ।"

**(ଖିଲାଫତେ ରାଶିଦା, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-15, ପୃ-557-588)**

ଏକଦା ଜଣେ ଶିୟା ବନ୍ଧୁ ହ. ଖଲିଫତୁଲ୍ ସାନି ର.ଅଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଆସିଲେ । ଆପଣ ର.ଅ ତାଙ୍କୁ ସମ୍ବୋଧିତ କରି କହିଲେ, ମହୋଦୟ ! ଆପଣ ଶିୟା ମତାବଲମ୍ବୀ ଅଟନ୍ତି, ଆପଣ ଦେଖନ୍ତୁ ଯେ, ହ. ଇମାମ୍ ହୁସୈନ୍ ର.ଅଙ୍କ ସହିତ ଯାହା କିଛି ହେଲା ତାହାର ପ୍ରତିଶୋଧ ଅଲ୍ଲାଃତାଲା କିଭଳି ଭାବରେ ନେଲେ ? ୟଜିଦ୍‌ର ମୃତ୍ୟୁ ପରେ ତା'ର ପୁତ୍ରକୁ ସମ୍ରାଟ୍ କରାଗଲା । ସେ ପ୍ରଥମ କାମ ଏହା କଲା ଯେ, ସେ ଲୋକମାନଙ୍କୁ ଏକତ୍ରିତ କଲା ଏବଂ ସେମାନଙ୍କୁ କହିଲା, ହେ ଲୋକମାନେ! ତୁମେମାନେ ମୋତେ ସମ୍ରାଟ୍ କରିଛ । କିନ୍ତୁ ମୁଁ ଏଥି ନିମନ୍ତେ ଯୋଗ୍ୟ ନୁହେଁ । ଏଠାରେ ଏପରି ଅନେକ ଲୋକମାନେ ଉପସ୍ଥିତ ଅଛନ୍ତି ଯେଉଁମାନେ ମୋ ଅପେକ୍ଷା ସମ୍ରାଟ୍ ହେବାର ଅଧିକ ଯୋଗ୍ୟ ବ୍ୟକ୍ତି ଅଟନ୍ତି । ତେଣୁ ତୁମେମାନେ ସେମାନନଙ୍କୁ ସମ୍ରାଟ୍ କରିନିଅ । ଆଉ ଯଦି ତୁମେମାନେ ସେମାନଙ୍କୁ ସମ୍ରାଟ୍ କରୁ ନାହିଁ ତେବେ ଏହି ଖିଲାଫତ୍ ବ୍ୟବସ୍ଥା ରହିଛି । ସେମାନେ ଅର୍ଥାତ୍ ଲୋକମାନେ ତାକୁ ଅର୍ଥାତ୍ ୟଜିଦ୍‌ର ପୁତ୍ରକୁ ବାଧ୍ୟ କଲେ ଯେ, ନାହିଁ ନାହିଁ ତୁମେ ହିଁ ସମ୍ରାଟ୍ ହୁଅ । କିନ୍ତୁ ୟଜିଦ୍‌ର ପୁତ୍ର ଯେ କି ଜଣେ ପୁଣ୍ୟବାନ୍ ବ୍ୟକ୍ତି ଥିଲା ସେ କହିଲା, ମୁଁ ସମ୍ରାଟ୍ ପଦର ଅଧିକାରୀ ନୁହେଁ କି ଉକ୍ତ ପଦ ପାଇଁ ଯୋଗ୍ୟ ବ୍ୟକ୍ତି ନୁହେଁ । ଅତଏବ୍ ୟଜିଦ୍‌ର ପୁତ୍ର ଯେତେବେଳେ ଘରକୁ ଫେରିଲା ସେତେବେଳେ ତା' ପରିବାରର ଲୋକମାନେ ତାକୁ କହିଲେ, ହେ ୟଜିଦ୍‌ଙ୍କ ପୁତ୍ର ! ତୁମେ ତ' ଜି ବଂଶର ନାକ କାଟି ଦେଇଛ । ସେ କହିଲା, ହେ ମୋ ବଂଶର ସଦସ୍ୟବୃନ୍ଦ ! ମୁଁ ନାକ କଟାଇ ନାହିଁ ବରଂ ନାକ ଲଗାଇ ଦେଇଛି । ଏହିପରି ଭାବରେ ଅଲ୍ଲାଃତାଲା ହ. ଇମାମ୍ ହୁସୈନ୍ ର.ଅଙ୍କ ହତ୍ୟାର ପ୍ରତିଶୋଧ ନେଇନେଲେ।"

**(ଦୈନିକ୍ ଅଲ୍ ଫଜଲ୍, ରବୱା, 1960 ମସିହା, ଜୁଲାଇ ମାସ 5 ତାରିଖ, ପୃ-3)**

☆☆☆

## ପୃ-11 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ...

ତେଣୁ ବିଶ୍ୱାସର ସହିତ ଏହା କୁହାଯାଇ ପାରିବ ଯେ, ଏହି ଶୈକ୍ଷିକ ଏବଂ ଜ୍ଞାନଭିତ୍ତିକ ସମଗ୍ର ସଂକଳନ କୃତିର ନାମ ମଧ୍ୟ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଅନୁମୋଦନ କ୍ରମେ ଏବଂ ଆପଣ ର.ଅଙ୍କ ଆଦେଶାନୁଯାୟୀ ହିଁ '**ରୁହାନୀ ଖଜାଏନ୍**' ବୋଲି ନାମକରଣ କରାଯାଇଥିବ । ଅତଏବ୍ ଉପରୋକ୍ତ କବିତାଟିର ପୃଷ୍ଠଭୂମି ଅନୁଯାୟୀ ହ. ମସିହ୍ ମଉଦ୍ ଅ.ସଙ୍କ ଏହି ସମଗ୍ର ସଂକଳନ କୃତିର ନାମ 'ରୁହାନୀ ଖଜାଏନ୍' ଅଟେ । **(ଦୈନିକ୍ ଅଲ୍ ଫଜଲ୍ ଇଣ୍ଟର ନ୍ୟାସ୍‌ନଲ୍, 2025 ମସିହା, ମାର୍ଚ୍ଚ ମାସ 29 ତାରିଖ)**☆☆☆

### (ବିଶେଷ ସୂଚନା)

ଏତଦ୍ୱାରା ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତା- **1 ଅପ୍ରେଲ୍ 2026** ମସିହା ଠାରୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା ଏମ୍.ଟି.ଏରେ ଠିକ୍ ସନ୍ଧ୍ୟା **5.30** ମିନିଟରେ ପ୍ରସାରିତ ହେଉଛି ।

**(ସମ୍ପାଦକ ମଣ୍ଡଳୀ, ବଦର୍)**

## ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍ (କାର୍ଯ୍ୟାଳୟରେ) ଦ୍ୱିତୀୟ ସ୍ତରୀୟ ଅଧସ୍ତନ କର୍ମଚାରୀଙ୍କ ନିଯୁକ୍ତି ନିମନ୍ତେ ଘୋଷଣା

### ସର୍ତ୍ତାବଳୀ

(1) ପ୍ରାର୍ଥୀଙ୍କୁ ବୟସ ଅନ୍ୟୁନ 18 ବର୍ଷ ହୋଇଥିବ ଏବଂ 25 ବର୍ଷରୁ ଅଧିକ ହୋଇ ନଥିବା ଉଚିତ୍ ।
(2) ପ୍ରାର୍ଥୀର ଶିକ୍ଷାଗତ ଯୋଗ୍ୟତା ଅନ୍ତତଃ (10+2) 45% ପ୍ରତିଶତ ନମ୍ବର ହୋଇଥିବା ଉଚିତ୍ ।
(3) ପ୍ରାର୍ଥୀ ଉର୍ଦ୍ଦୁ/ଇଂରାଜୀ ଭାଷାରେ କମ୍ପୋଜିଙ୍ଗ (ଟାଇପିଂ) ଶିଖିଥିବା ଉଚିତ୍ ଓ ପ୍ରତି ମିନିଟରେ 25ଟି ଶବ୍ଦ ଟାଇପ୍ କରିପାରୁଥିବା ଉଚିତ୍ ।
(4) ଉକ୍ତ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ କାର୍ଯ୍ୟାଳୟରେ ହସ୍ତଗତ ହେବ ସେହି ଆବେଦନଗୁଡ଼ିକୁ ବିଚାରକୁ ନିଆଯିବ ।
(5) ଦ୍ୱିତୀୟ ସ୍ତରୀୟ ଅଧସ୍ତନ କର୍ମଚାରୀଙ୍କ ପାଇଁ ପରୀକ୍ଷା କମିଶନ୍ ପକ୍ଷରୁ ଯେଉଁ ପାଠ୍ୟଖସଡ଼ା (ପ୍ୟାଟର୍ଣ୍ଣ) ପ୍ରସ୍ତୁତ ହୋଇଛି ତାହା ନିମ୍ନମତେ ଅଟେ ।

**(ପ୍ରଶ୍ନପତ୍ରର ପ୍ରତ୍ୟେକଟି ଭାଗରେ ଉତ୍ତୀର୍ଣ୍ଣ ହେବା ଅନିର୍ବାର୍ଯ୍ୟ ଅଟେ)**

| | | |
|---|---|---|
| **ପ୍ରଥମ ଭାଗ** | ☆**ପବିତ୍ର କୁରଆନ୍ କରୀମ୍:** ନାଜରା ସଂପୂର୍ଣ୍ଣ ଆସୁଥିବା ଉଚିତ୍ ଓ ପ୍ରଥମ ପାରାର ଅନୁବାଦ୍ ଆସୁଥିବା ଉଚିତ୍ । ☆ଚାଲିସ୍ ଜୱାହିର୍ ପାରେ ସଂପୂର୍ଣ୍ଣ । ☆ନମାଜ୍ ସଂପୂର୍ଣ୍ଣ । | 30 ନମ୍ବର |
| **ଦ୍ୱିତୀୟ ଭାଗ** | ☆କିଶ୍‌ତି ନୁହ୍ ପୁସ୍ତକ, ବର୍କାତୁଦ୍ ଦୁଆ, ଦିନି ମାଲୁମାତ୍ । ☆**ଉର୍ଦ୍ଦୁ ନଜମ:** ଦୁର୍‌ରେ ସମିନ୍‌ରୁ (ଶାନେ ଇସ୍‌ଲାମ୍) । ☆**ପ୍ରବନ୍ଧ ରଚନା**: ଜମାଅତ୍ ଅହମଦିୟା ସଂପର୍କରେ । | 20 ନମ୍ବର |
| **ତୃତୀୟ ଭାଗ** | ☆**ଇଂରାଜୀ:** ଇଣ୍ଟରମିଡ଼ିଏଟ୍ ଅନୁଯାୟୀ (10+2)। | 20 ନମ୍ବର |
| **ଚତୁର୍ଥ ଭାଗ** | ☆**ଗଣିତ:** ଦଶମ ଶ୍ରେଣୀ ସ୍ତରୀୟ ଅନୁଯାୟୀ (ଇମ୍ପ୍ରେଷ୍ଟ୍ କ୍ଲର୍କ ସଂପର୍କିତ ପ୍ରଶ୍ନ) । | 20 ନମ୍ବର |
| **ପଞ୍ଚମ ଭାଗ** | ☆ **ସାଧାରଣ ଜ୍ଞାନ (G.K)** | 10 ନମ୍ବର |

(6) ଯେଉଁମାନେ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହେବେ ସେହି ପ୍ରାର୍ଥୀମାନଙ୍କର ହିଁ ଇଣ୍ଟରଭ୍ୟୁ ହେବ ।
(7) ଲିଖିତ ପରୀକ୍ଷା, କମ୍ପ୍ୟୁଟର ଟେଷ୍ଟ୍‌ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିୟାନ୍ ଠାରେ ଡାକ୍ତରୀ ପରୀକ୍ଷା କରାଇବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲ୍‌ର ମେଡ଼ିକାଲ୍ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ହେବେ ।
(8) ସିଲେକ୍‌ସନ୍ (ଅର୍ଥାତ୍ ପ୍ରାର୍ଥୀ ଚୟନ) ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍ ଠାରେ ନିଜ ରହଣୀର ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ । ପରେ ରହଣୀ ସଂପର୍କିତ ହସ୍ତଗତ ହୋଇଥିବା ଆବେଦନଗୁଡ଼ିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ।
(9) କାଦିୟାନ୍ ଯିବା ଆସିବା ନିମନ୍ତେ ଗସ୍ତ (ବାଟ) ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ । **ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍,
ମୋବାଇଲ୍ ନଂ: 9888232530, 9682627592
କାର୍ଯ୍ୟାଳୟ: 01872501130
Email: nazaratdiwanqdn@gmail.com ☆--☆--☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan